# ବଦଳାଉଛୁ ଭାରତବର୍ଷ

ଭାରତବର୍ଷ ର ଜନତାଙ୍କୁ ସାମର୍ଥ୍ୟବାନ୍ କରାଇ
ଯୋଗ୍ୟ ଶିକ୍ଷଣ ଓ
ବୃତ୍ତିମୂଳକ ପ୍ରଶିକ୍ଷଣ ଦ୍ୱାରା



ନିମ୍ନଲିଖିତ କ୍ଷେତ୍ର ପାଇଁ ଏହି ପୁସ୍ତିକାଟି ସମର୍ପିତ

୧. ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଭାରତୀୟ ଯୁବଗୋଷ୍ଠୀ ........................................ ୮୫୦ ନିୟୁତ
୨. ଏମ୍‌ଏସ୍‌ଏମ୍‌ଇଗୁଡ଼ିକରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ........................................ ୪୫୦ ନିୟୁତ
୩. ୧୪ ରୁ ୫୫ ବର୍ଷ ବୟସ ମଧ୍ୟରେ ବେରୋଜଗାର ........................................ ୩୦୦ ନିୟୁତ

*i Watch* **୧୨ଟି ଭାଷା + ଇଂରାଜୀରେ** ଭାରତର ୨୮ଟି ରାଜ୍ୟ ତଥା ୭ଟି କେନ୍ଦ୍ରଶାସିତ ପ୍ରଦେଶ ପର୍ଯ୍ୟନ୍ତ ପହଞ୍ଚୁଛି।



# ବଦଳାଉଛୁ ଭାରତବର୍ଷ

ଭାରତବର୍ଷ ର ଜନତାଙ୍କୁ **ସାମର୍ଥ୍ୟବାନ୍** କରାଇ
**ଯୋଗ୍ୟ ଶିକ୍ଷଣ ଓ**
**ବୃତ୍ତିମୂଳକ ପ୍ରଶିକ୍ଷଣ** ଦ୍ୱାରା

କ୍ରିଷନ୍ ଖନ୍ନା
ଙ୍କ ଦ୍ୱାରା

ସହାୟତା

TIMES FOUNDATION
THE TIMES GROUP

Sundaram®
Education Revolution

ଭାରତରେ ଶୀତଳ ପ୍ରିଣ୍ଟସ, ୨୧୧, ପ୍ରଗତି ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଡଃ ଏନ୍.ଏମ୍. ଜୋସି ମାର୍ଗ, ଲୋୟର ପାରେଲ୍ ପୂର୍ବ, ମୁମ୍ବାଇ – ୪୦୦୦୧୧ ଦ୍ୱାରା ମୁଦ୍ରିତ

ଭାରତରେ ମାନିଫେଷ୍ଟ ପବ୍ଲିକେସନ୍ସ, ୩୦୮, ଅଲିମ୍ପସ୍, ଅଲ୍‌ଟାମାଉଣ୍ଟ ରୋଡ୍, ମୁମ୍ବାଇ –୪୦୦୦୨୬, ଭାରତ ଦ୍ୱାରା ପ୍ରକାଶିତ

© କପିରାଇଟ୍ ପ୍ରୁ କ୍ରିଷନ୍ ଖନ୍ନା ୨୦୧୨

ଭାରତରେ ୧୯୯୩ରେ ପ୍ରଥମ ଥର ପ୍ରକାଶିତ

ISBN ୯୭୮–୮୧–୯୦୬୬୨୧–୦–୯

ବଦଳାଉଛୁ ଭାରତ ବର୍ଷ ପାଇଁ *i Watch* ଦ୍ୱାରା ୧୯୯୩ରେ ପ୍ରଥମ ଥର ପ୍ରକାଶିତ କରାଗଲା ଓ ଏହା ପରେ ପ୍ରତ୍ୟେକ ବର୍ଷ ଏହାକୁ ସଂଶୋଧିତ ଏବଂ ବିସ୍ତୃତ କରିବା ପାଇଁ ବର୍ତ୍ତମାନ ସଂସ୍କରଣ ପର୍ଯ୍ୟନ୍ତ ପ୍ରକାଶିତ କରାଯାଉଛି । ଦୟାକରି ଏହି ପୁସ୍ତକର ପୃଷ୍ଠ ୮ରେ ଏହି ବିଷୟର ବିବରଣୀଟିକୁ ଦେଖନ୍ତୁ । ଏହି ପୁସ୍ତକକୁ ଅନ୍ୟାନ୍ୟ ୧୨ଟି ଭାରତୀୟ ଭାଷା ଯଥା ହିନ୍ଦୀ, ଉର୍ଦ୍ଦୁ, ପଂଜାବୀ, ଆସାମୀ, ଓଡ଼ିଆ, ବଙ୍ଗଳା, ଗୁଜରାଟୀ, ମରାଠି, ତାମିଲ୍, ମାଲାୟାଲାମ୍, କନ୍ନଡ ଓ ତେଲୁଗୁରେ ମଧ୍ୟ ପ୍ରକାଶିତ କରାଯାଇଛି ।

ଭାରତରେ ଶୀତଳ ପ୍ରିଣ୍ଟସ, ୨୧୧, ପ୍ରଗତି ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଡଃ ଏନ୍.ଏମ୍. ଜୋସି ମାର୍ଗ, ଲୋୟର ପାରେଲ୍ ପୂର୍ବ, ମୁମ୍ବାଇ – ୪୦୦୦୧୧ ଦ୍ୱାରା ମୁଦ୍ରିତ ।

ଭାରତରେ ମାନିଫେଷ୍ଟ ପବ୍ଲିକେସନ୍ସ, ୩୦୮, ଅଲିମ୍ପସ୍, ଅଲ୍‌ଟାମାଉଣ୍ଟ ରୋଡ୍, ମୁମ୍ବାଇ –୪୦୦୦୨୬, ଭାରତ ଦ୍ୱାରା ପ୍ରକାଶିତ

**ସତ୍ତ୍ୱାଧିକାର ଏବଂ ପୁନଃପ୍ରକାଶନ**

ଏହି ପୁସ୍ତକର ସଂପୂର୍ଣ୍ଣ ସାମଗ୍ରୀ ଯଥା ବିଷୟ– ଗ୍ରାଫିକ୍ସ, ଲୋଗୋ, ଇମେଜ୍, ଡାଟା, ତଥ୍ୟ ସଂକଳନଗୁଡ଼ିକ ହେଉଛି *i Watch* ତଥା ଏହାର ସୂଚନା ପ୍ରଦାନକାରୀଙ୍କର ସମ୍ପତ୍ତି। ଏହି ପୁସ୍ତିକା କିମ୍ବା ଏହାର କୌଣସି ଅଂଶକୁ ପୁନଃପ୍ରକାଶିତ, ନକଲ, ପ୍ରକାଶିତ, ପ୍ରସାରଣ କିମ୍ବା ଅବୈଧ ଉପାୟରେ ସଂଶୋଧିତ କରାଯାଇ ପ୍ରକାଶ କରାଯାଇପାରିବ ନାହିଁ । ଏହି ପୁସ୍ତକର କୌଣସି ଅଂଶ *i Watch* ର ପୂର୍ବ ଅନୁମତି ଓ ଲିଖିତ ସହମତି ବିନା କୌଣସି ମାଧ୍ୟମ ଯଥା ମେକାନିକାଲ ବା ଇଲେକଟ୍ରିକାଲ ମାଧ୍ୟମ ଜରିଆରେ ପ୍ରସାରିତ କରାଯାଇପାରିବ ନାହିଁ ।

# ବଦଳାଉଛୁ ଭାରତବର୍ଷ

ଭାରତବର୍ଷ ର ଜନତାଙ୍କୁ **ସାମର୍ଥ୍ୟବାନ୍** କରାଇ
**ଯୋଗ୍ୟ ଶିକ୍ଷଣ ଓ**
**ବୃତ୍ତିମୂଳକ ପ୍ରଶିକ୍ଷଣ** ଦ୍ୱାରା

୧. **ଏହା କୌଣସି ଏକ ପତ୍ରିକା ନୁହେଁ କିନ୍ତୁ ଏହା ଏକ ପୁସ୍ତକ ଅଟେ** ଯାହାକୁ ସହଜରେ ପଢ଼ିହେବା ପାଇଁ ଏହାକୁ ପତ୍ରିକା ପରି ରୂପ ଦିଆଯାଇଛି । ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ ୨୦୦ ପୃଷ୍ଠା ସମ୍ବଳିତ ପୁସ୍ତକ ପଢ଼ିବାକୁ ଚାହିଁଥାନ୍ତି ।

୨. ଏହି ପୁସ୍ତକ ତଥା ଏହାର କାର୍ଯ୍ୟ ଭାରତର ଯୁବ ବର୍ଗ ତଥା ଏମ୍ଏସ୍ଏମ୍ଇରେ କାମ କରୁଥିବା ୪୬ କୋଟି ଲୋକ ଓ ସେହିସବୁ ମହିଳା ତଥା ପୁରୁଷମାନଙ୍କ ପାଇଁ ଅଟେ ଯେଉଁମାନେ କି **ଯୁବକମାନଙ୍କ ସଶକ୍ତିକରଣ** ପାଇଁ ପ୍ରୟାସରତ, ଏହା ସହିତ ଯେଉଁମାନେ **ମହିଳା ଓ ଝିଅମାନଙ୍କ** ନିମନ୍ତେ କାର୍ଯ୍ୟ କରୁଛନ୍ତି ।

୩. ଏହି ପୁସ୍ତକର ମର୍ମ ଓ ବିଷୟକୁ ବୁଝିବା ଓ ପରିଚିତ ହେବା ପାଇଁ ପ୍ରଥମେ ଏହି ପୁସ୍ତକର **ପୃଷ୍ଠା ୭**ରେ ଥିବା ବିଷୟଟିକୁ ପଢ଼ିବା ଆବଶ୍ୟକ କାରଣ ଉକ୍ତ ପୃଷ୍ଠାରେ **ଏହି ପ୍ରୟାସର ସାରମର୍ମ** ପ୍ରଦାନ କରାଯାଇଛି ।

୪. ଏହି ପୁସ୍ତକର ବିକାଶର ଇତିହାସ, **ପୃଷ୍ଠା** ୮

୫. ଚିର ସ୍ମରଣୀୟ ପ୍ରେରଣା **ପୃଷ୍ଠା ୯**

୬. ଏକ ନାଗରିକଙ୍କ ପ୍ରଚେଷ୍ଟା **ପୃଷ୍ଠା ୧୦**

୭. ଏହି ପୁସ୍ତକର ଲକ୍ଷ୍ୟ **ପୃଷ୍ଠା ୧୦**

ଆପଣଙ୍କୁ ଅନୁରୋଧ କରାଯାଉଛି କି ଏହି ପୁସ୍ତକଟିରେ ଦିଆଯାଇଥିବା ମୁଖ୍ୟ ଉଦ୍ଦେଶ୍ୟଟିକୁ ପଢ଼ନ୍ତୁ। ପ୍ରଥମରୁ ପୃଷ୍ଠା ୭, ୮, ୯ ତଥା ୧୦କୁ ପୁଣିଥରେ ଅବଲୋକନ କରିନିଅନ୍ତୁ ।

# ସୂଚୀପତ୍ର


ଅନୁକ୍ରମ ୨
ଏହି ପୁସ୍ତକ ବିଷୟରେ ୪
ସତତ ଆର୍ଥିକ ବିକାଶ ୭
ଏହି ପୁସ୍ତକର ବିକାଶ ଇତିହାସ ୮
ଚିରସ୍ମରଣୀୟ ପ୍ରେରଣା ୯
ଜଣେ ନାଗରିକର ପ୍ରୟାସ ତଥା ଏହି ପୁସ୍ତକର ଉଦ୍ଦେଶ୍ୟ ୧୦
ଆମେ ଆପଣଙ୍କ ପାଇଁ କଣ କରିପାରିବୁ ? ୧୧
*i Watch* ର ଧ୍ୟାନ ଆକର୍ଷଣ କ୍ଷେତ୍ର ୧୨
*i Watch*– ବିଷୟରେ ସମ୍ମାନିତ ବ୍ୟକ୍ତିମାନେ କଣ କହନ୍ତି ୧୪
*i Watch* ବିଷୟରେ ୧୬
ସିଦ୍ଧାନ୍ତ, ମିଶନ, ଲକ୍ଷ୍ୟ ୧୮


## ବିଭାଗ ୧ ସୁଶାସନ


ଭାରତ – ହୁଏତ ଆପଣ ଏହି କଥା ଜାଣିନଥିବେ ୧୯
ବଦଳାଉଛୁ ଭାରତବର୍ଷ ଗଠନର ଏଜେଣ୍ଡା ୨୧
ଆର୍ଥିକ ଏବଂ ବ୍ୟବସାୟ ସୁଧାର ୨୩
ଶାସନ ତଥା ପ୍ରଶାସନ ୨୪
ଭାରତ ଦେଶ ୨୫
ସୁଶାସନ ବଦଳାଉଛୁ ଭାରତବର୍ଷକୁ ଏକ ମହାଶକ୍ତିରେ ରୂପାନ୍ତର କରିପାରେ ୨୬
ସୁଶାସନ + ପ୍ରଭାବୀ ଶାସନ = ଭ୍ରଷ୍ଟାଚାରର ଅନ୍ତ ୨୭
ବିଶ୍ୱସନୀୟ ହେବା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି ୨୮
ବିଶ୍ୱସନୀୟ କୁଶଳତା କିପରି ପ୍ରାପ୍ତ କରାଯାଇପାରିବ ? ୩୧
ବିଶ୍ୱ ଶାସନ ଏବଂ ବିଶ୍ୱ ଶାନ୍ତି ୩୩


## ବିଭାଗ – ୨ ଶିକ୍ଷା ତଥା ମାନବ ସଂଶାଧନ ବିକାଶ


୧୯୪୭ ପରେ ତିନୋଟି ଦେଶର କାହାଣୀ ୩୪
ଶିକ୍ଷାର ମହତ୍ତ୍ୱ ୩୫
୪୦ – ୬୦ ଘଣ୍ଟାରେ କୌଣସି ଭାରତୀୟ ଭାଷା ପଢ଼ିବା ଓ ଲେଖିବା ଶିଖନ୍ତୁ ୩୬
ବ୍ୟାବସାୟିକ ଶିକ୍ଷଣ ତଥା ତାଲିମ୍ – ଭିଇଟି – ବିଜେତା! ୩୭
ଉଦ୍ୟୋଗ କୌଶଳ ବିକାଶ, ଇଏସ୍‌ଡି ଏବଂ ବ୍ୟାବସାୟିକ ଶିକ୍ଷା ଭିଇଟିର ମହତ୍ତ୍ୱ ୩୯
ଭାରତରେ ଶିକ୍ଷାର କ୍ଷେତ୍ର ୪୧
ଉଚ୍ଚ ତଥା ଟେକ୍‌ନିକାଲ୍ ଶିକ୍ଷା ପାଇଁ ଭାରତକୁ ଏକ ଆନ୍ତର୍ଜାତିକ କେନ୍ଦ୍ରରେ ପରିଣତ କରିବା ୪୩
ଭାରତକୁ ଏକ ଜ୍ଞାନମୂଳକ ଅର୍ଥବ୍ୟବସ୍ଥା କରିବାକୁ ହେବ ୪୪
ଜନସଂଖ୍ୟା ବିସ୍ଫୋରଣକୁ ପ୍ରତିହତ କରିବାକୁ ହେବ ୪୭
ଭାରତର ବିରୋଧାଭାସ ୪୯
ଯୁବ ସଶକ୍ତିକରଣ ପାଇଁ ତିନୋଟି ପ୍ରୟାସ ୫୧
ଯୁବ ପରାମର୍ଶ – ମୁଁ କିଏ? ୫୨

## ବିଭାଗ ୩ ଅର୍ଥନୀତି ଓ ଉଦ୍ୟୋଗ


| | |
|---|---|
| ଗରିବ ତଥା ଧନୀଙ୍କ ମଧ୍ୟରେ ପାର୍ଥକ୍ୟ | ୫୬ |
| ବାସ୍ତବିକ ତଥା ଅତୁଲ୍ୟ ଭାରତ | ୫୭ |
| ଗରିବ ରେଖା ତଥା ସମ୍ବନ୍ଧିତ ତଥ୍ୟ | ୫୮ |
| ବିଶ୍ୱ ବଜାର ପାଇଁ ଯୋଜନା କିପରି ପ୍ରସ୍ତୁତ କରାଯିବ ? ଏକ ଚେକ୍‌ଲିଷ୍ଟ | ୫୯ |
| ଏମ୍‌ଏସ୍‌ଏମ୍‌ଇ – ଯେକୌଣସି ଅର୍ଥନୀତିର ମେରୁଦଣ୍ଡ | ୬୧ |
| ଭାରତକୁ ଆନ୍ତର୍ଜାତିକ ବ୍ୟବସାୟର କେନ୍ଦ୍ରସ୍ଥଳ କରିବାକୁ ହେବ | ୬୩ |
| ଭାରତୀୟ ଅର୍ଥବ୍ୟବସ୍ଥାରେ ଜିଡିପି ବିଶ୍ଳେଷଣ – ଏସ୍‌ଏମ୍‌ଇର ମହତ୍ତ୍ୱ | ୬୫ |
| ଚିନ୍ – ଭାରତ ତୁଳନାତ୍ମକ ଚାର୍ଟ.... ଆମ ସହିତ ପ୍ରତିଯୋଗୀତା କରିପାରିବ କି? | ୬୬ |
| ବିଶ୍ୱ, ୟୁଏସ୍‌ଏ, ବିଆରଆଇସି, ବଛାଯାଇଥିବା ଦେଶ | ୬୭ |


## ବିଭାଗ ୪ ନିଯୁକ୍ତି ସୃଷ୍ଟି


| | |
|---|---|
| ଶିକ୍ଷା ଓ କୁଶଳତାର ମହତ୍ତ୍ୱ | ୬୮ |
| ଏଚ୍‌ଆରଡି – ନିଯୁକ୍ତି ସୁଯୋଗ ତଥା ବେକାରି | ୬୯ |
| ଭାରତରେ ନିଯୁକ୍ତିର ତଥ୍ୟ | ୭୦ |
| କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଜରିଆରେ ରୋଜଗାର ସୃଷ୍ଟି | ୭୨ |
| ଏମ୍‌ଏସ୍‌ଏମ୍‌ଇର ଶ୍ରେଣୀ, ୟୁଏସ୍ –ଏସ୍‌ବିଏ ବର୍ଗୀକରଣ | ୭୩ |
| ଭିଇଟି ଜରିଆରେ ନିଯୁକ୍ତିର ସୁଯୋଗ | ୭୫ |
| ବ୍ୟାବସାୟିକ ଶିକ୍ଷା ଓ ପ୍ରଶିକ୍ଷଣ ଭିଇଟି ପାଠ୍ୟକ୍ରମର ବର୍ଗୀକରଣ | ୭୬ |
| ରୋଜଗାର ସୁଯୋଗ ପାଇଁ ଭିଇଟିର କାର୍ଯ୍ୟାନ୍ୱୟନ | ୭୯ |
| ଶିକ୍ଷା ତଥା ଭିଇଟି କ୍ଷେତ୍ରରେ ପ୍ରୟୋଗ କରାଯାଉଥିବା ପରିଭାଷା | ୮୨ |
| ଚିନ୍‌ରେ ବ୍ୟାବସାୟିକ ପ୍ରଶିକ୍ଷଣ, ଭିଇଟି ତଥା ଅର୍ଥ ବ୍ୟବସ୍ଥା | ୮୩ |
| ଜର୍ମାନୀ (ଇୟୁ) ରେ ବ୍ୟାବସାୟିକ ପ୍ରଶିକ୍ଷଣ, ଭିଇଟି ତଥା ଅର୍ଥନୀତି | ୮୪ |
| ଆମେରିକାରେ ବ୍ୟାବସାୟିକ ପ୍ରଶିକ୍ଷଣ, ଭିଇଟି ତଥା ଅର୍ଥନୀତି | ୮୫ |
| ଭାରତରେ ବ୍ୟାବସାୟିକ ପ୍ରଶିକ୍ଷଣ, ଭିଇଟି ତଥା ଅର୍ଥନୀତି | ୮୬ |
| ଭାରତରେ ଶ୍ରମ ଉତ୍ପାଦକତା | ୮୭ |
| ସୁସଂଗତ ଶିକ୍ଷା ଓ ପ୍ରଶିକ୍ଷଣ | ୮୮ |
| କୃଷି କ୍ଷେତ୍ର : ଭାରତର ଲାଭଦାୟକ ସ୍ଥିତି | ୯୦ |


## ସାଧାରଣ


| | |
|---|---|
| ସାଧାରଣ ସୂଚନା | ୯୧ |
| ସନ୍ଦର୍ଭ | ୯୨ |
| ଜାତୀୟ କମିଟିରେ *i Watch* | ୯୩ |
| ଏହି ପୁସ୍ତକରେ ବ୍ୟବହାର କରାଯାଇଥିବା ସଂକ୍ଷିପ୍ତ ଶବ୍ଦ | ୯୪ |
| *i Watch* ପ୍ରକାଶନ ୧୩ଟି ଭାଷାରେ ଉପଲବ୍ଧ | ୯୫ |
| ପ୍ରତିବର୍ଷ ୧୦% ରୁ ୧୫% ଜିଡିପିର ବୃଦ୍ଧି ହାର ପାଇଁ ଆକ୍ସନ ପ୍ଲାନ୍ | ୯୬ |
| ୨୦୧୪–୨୦୧୫ ରେ *i Watch* ପାଇଁ ଯୋଜନାବଦ୍ଧ ପ୍ରକଳ୍ପ | ୯୭ |
| ପ୍ରାୟୋଜକ | ୯୮ |
| *i Watch* ପକ୍ଷରୁ ସିଏସ୍‌ଆର ପ୍ରକଳ୍ପ | ୧୦୦ |
| ଲେଖକଙ୍କ ବିଷୟରେ | ୧୦୧ |
| ସମ୍ମିଳିତ ବିକାଶର ମନ୍ତ୍ର | ୧୦୨ |

# ଏହି ପୁସ୍ତକ ବିଷୟରେ

ଏହି ପୁସ୍ତକର ଉପସ୍ଥାପନାଟି ଭାରତର ନାଗରିକ ଯଥା ରାଜନୀତିଜ୍ଞ, କୃଷକ, କର୍ମଚାରୀ, ପ୍ରଫେସନାଲ୍, ଅଧ୍ୟାପକ, ବିଦ୍ୟାର୍ଥୀ, ମେଧାବୀ, ଡାକ୍ତର, ବ୍ୟବସାୟୀ, ଗୃହିଣୀ, ଇଂଜିନିୟର, ଓକିଲ, କନ୍‌ସଲ୍‌ଟାଣ୍ଟ, ପ୍ରବାସୀ ଭାରତୀୟ, ବିଦେଶରେ ବସବାସକାରୀ ଭାରତବଂଶୀୟ ତଥା ଭାରତର ଯୁବ ବର୍ଗର ବ୍ୟକ୍ତିମାନଙ୍କର ଲାଭ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଉଛି ।

ଏହା କୌଣସି ଏକ ପତ୍ରିକା ନୁହେଁ ବରଂ **ଏକ ପୁସ୍ତକ ଅଟେ** । ଏହାକୁ ସହଜିଆ ତଥା ବୁଝିପାରିଲା ଭଳି ଶୈଳୀରେ ଲେଖାଯାଇଛି ଯାହାକୁ ଆରାମ୍‌ରେ ପଢ଼ାଯାଇପାରିବ। ଏଥିରେ ରହିଥିବା ଅଧିକାଂଶ ଲେଖାଗୁଡ଼ିକ ଅତିବେଶୀରେ  ଗୋଟିଏ କିମ୍ବା ଦୁଇଟି ପୃଷ୍ଠା ମଧ୍ୟରେ ସୀମିତ। ଖୁବ୍ କମ୍ ଲେଖା ତିନି ପୃଷ୍ଠା ବିଶିଷ୍ଟ ।

ଯେଉଁଠାରେ ଆବଶ୍ୟକ ପଡ଼ିଛି ସେହି କ୍ଷେତ୍ରରେ ପାଠ୍ୟ ବିଷୟକୁ ଅଧିକ ନରଖି ସଂକ୍ଷିପ୍ତ ଆକାରରେ ଅତ୍ୟାବଶକୀୟ ତଥ୍ୟକୁ ଏଥିରେ ସନ୍ନିବେଶିତ କରାଯାଇଛି ।

ଏହି ପୁସ୍ତକର ସାମଗ୍ରୀକୁ ଚାରିଟି ବିଭାଗରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ପୃଷ୍ଠାର ଶେଷରେ ଲେଖାର ପ୍ରକାରକୁ ଶ୍ରେଣୀଭୁକ୍ତ କରାଯାଇଛି । ଏହିସବୁ ବିଷୟଗୁଡ଼ିକର ଅନ୍ତର୍ନିହିତ ବିଷୟକୁ ଆବଶ୍ୟକସ୍ଥଳେ ରେଖାଙ୍କିତ କରାଯାଇଛି ।

**ବିଭାଗ ୧ :** ବିଭାଗ ୧ରେ **ଶାସନ** ସମ୍ବନ୍ଧିତ ଲେଖା ରହିଛି ।
**ବିଭାଗ ୨ :** ବିଭାଗ ୨ରେ ଶିକ୍ଷା ତଥା **ମାନବ ସମ୍ବଳ ବିକାଶ** ସମ୍ବନ୍ଧିତ ଲେଖା ରହିଛି ।
**ବିଭାଗ ୩ :** ବିଭାଗ ୩ରେ **ଅର୍ଥନୀତି ତଥା ଉଦ୍ୟୋଗ** ସମ୍ବନ୍ଧିତ ନିର୍ବାଚିତ ଲେଖା ସ୍ଥାନ ପାଇଛି ।
**ବିଭାଗ ୪ :** ବିଭାଗ ୪ରେ **ନିଯୁକ୍ତି ସୃଷ୍ଟି** ସମ୍ବନ୍ଧିତ ଲେଖା ରହିଛି ।

ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବା ତାଠାରୁ ଅଧିକ ପାଠ ପଢ଼ିଥିବା ବ୍ୟକ୍ତି ଏହି ପୁସ୍ତକଟିକୁ ସହଜରେ ପଢ଼ି ବୁଝିପାରିବେ ।

ଭାରତରେ ମାତ୍ର ୭% ଲୋକ ଇଂରାଜୀ ବୁଝିଥାନ୍ତି । ତେଣୁ ଏହି ପୁସ୍ତକଟିକୁ ସମସ୍ତ ପ୍ରମୁଖ ଭାରତୀୟ ଭାଷା ଯଥା ମରାଠୀ, ଗୁଜୁରାଟୀ, ଉର୍ଦ୍ଦୁ, ହିନ୍ଦୀ, ତାମିଲ୍, ତେଲୁଗୁ, କନ୍ନଡ, ମଲାୟଲାମ, ଓଡ଼ିଆ, ବଙ୍ଗଳା, ଅସମିୟା ତଥା ପଂଜାବୀ ଭାଷାରେ ଉପଲବ୍ଧ କରାଯାଉଛି ।

ଏଠାରେ ଦିଆଯାଇଥିବା ସୂଚନାକୁ ଯଥା ସମ୍ଭବ ନବୀନତମ ଭାବରେ ରଖାଯାଇଛି ଓ ବ୍ୟବହାର କରାଯାଇଛି ।

ପାଠକମାନଙ୍କୁ ଅନୁରୋଧ କରାଯାଉଛି ଯେ ଏହି ପୃଷ୍ଠାରେ ଲିଖିତ ଅନ୍ତର୍ନିହିତ ତଥ୍ୟଗୁଡ଼ିକୁ ଭାରତର ଜନତାଙ୍କ ବିଚାର ତଥା କାର୍ଯ୍ୟ ସଂଗଠିତ କରିବାର ଭାବନା ଦୃଷ୍ଟିକୋଣ ବଜାୟ ରଖନ୍ତୁ । ଏହା କୌଣସି ଉପଦେଶାତ୍ମକ ଭାଷଣ ନୁହେଁ । କିନ୍ତୁ ଏହା ଏକ ତଥ୍ୟଭିତ୍ତିକ ବିବରଣୀ। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା **ଭାରତର ଜନତାଙ୍କ ଲାଭ** ଉଦ୍ଦେଶ୍ୟରେ ଜନ ଜାଗରଣ ତଥା କାର୍ଯ୍ୟଶୀଳତାକୁ ବୃଦ୍ଧି କରିବା ।

ପ୍ରତ୍ୟେକ ଟିପ୍ପଣୀ ପୃଥକ ଅଟେ ଯାହାକୁ ଯେକୌଣସି ସମୟରେ ଯେତେବେଳେ ହେଉନା କାହିଁକି ପଢ଼ାଯାଇପାରେ ।

ଯଦି ଆପଣ ମୋତେ ଏହି ୫ ଗୋଟି ମହତ୍ତ୍ୱପୂର୍ଣ କ୍ଷେତ୍ରର ନାମ ପଚାରିବେ ଯେଉଁଥିରେ ଭାରତୀୟ ଜନତାଙ୍କ ହିତ ପାଇଁ ସବୁଠାରୁ ଅଧିକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ତେବେ ମୁଁ କହିବି ତାହା ହେଉଛି, ଶିକ୍ଷା, ଶିକ୍ଷା, ଶିକ୍ଷା, ଶାସନ ତଥା ପ୍ରାଥମିକ ସ୍ୱାସ୍ଥ୍ୟ ପରିଚର୍ଯ୍ୟା ।

**ପ୍ରଥମ ଶିକ୍ଷାର** ଉଦ୍ଦେଶ୍ୟ ହେଉଛି ପ୍ରୟୋଜନମୂଳକ ସାକ୍ଷରତା ତଥା ପ୍ରାଥମିକ/ମାଧ୍ୟମିକ (ସେକେଣ୍ଡାରୀ) ଶିକ୍ଷା। ସଂସଦରେ ଶିକ୍ଷା ଅଧିକାର ଆଇନ୍ ୨୦୦୫ ମସିହାରେ ଉପସ୍ଥାପନା କରାଯାଇଛି ଯାହାକୁ ୨୦୦୯ ମସିହାରେ ଏହାକୁ କାର୍ଯ୍ୟକାରୀ କରାଗଲା । ଈଶ୍ୱରକୁ ସତ ଧନ୍ୟବାଦ ଦେବା ଆବଶ୍ୟକ ଯେ ଅତିକମ୍‌ରେ ସ୍ୱାଧିନତାର ୬୩ ବର୍ଷ ପରେ ଆମେ ଶିକ୍ଷାର ମହତ୍ତ୍ୱକୁ ବୁଝିପାରିଛୁ ।

**ଦ୍ୱିତୀୟ ଶିକ୍ଷାର** ଉଦ୍ଦେଶ୍ୟ ହେଉଛି ବ୍ୟାବସାୟିକ ଶିକ୍ଷା ତଥା ପ୍ରଶିକ୍ଷଣ (ଭିଇଟି) ଅଟେ। ଭିଇଟିର ମହତ୍ତ୍ୱ ହେଉଛି ପ୍ରଧାନମନ୍ତ୍ରୀ ସ୍ତର ପର୍ଯ୍ୟନ୍ତ ଏହି ଭିଇଟି ଉଦ୍ଦେଶ୍ୟକୁ ସ୍ୱୀକୃତ ପ୍ରଦାନ କରାଯାଇଛି ଯେଉଁଥିରେ ଭାରତୀୟ ଯୁବାବର୍ଗଙ୍କ ସଶକ୍ତିକରଣ ତଥା ପ୍ରଶିକ୍ଷଣ ଜରିଆରେ ଫଳପ୍ରସୂ ନିଯୁକ୍ତି ସୃଷ୍ଟି ପାଇଁ ରୂପରେଖ ପ୍ରସ୍ତୁତ କରାଯିବା ପାଇଁ ନଭେମ୍ବର ୨୦୦୬ରେ ଏକ କାର୍ଯ୍ୟକାରୀ ଦଳ ଗଠନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୨୦୦୯ ମସିହାରେ ୧୧ତମ ଯୋଜନାରେ **ରାଷ୍ଟ୍ରୀୟ କୌଶଳ ପରିଷଦ** ତଥା **ରାଷ୍ଟ୍ରୀୟ କୁଶଳତା ବିକାଶ ନିଗମର** ସ୍ଥାପନା ପରିକଳ୍ପନା କରାଯାଇଥିଲା । ଭାରତ ସରକାର ୧୧ତମ ପଞ୍ଚବାର୍ଷିକ ଯୋଜନାରେ ୧୫୦୦ ଆଇଟିଆଇ/ଆଇଟିସି ଓ ୫୦୦୦୦ ଅତିରିକ୍ତ କୁଶଳତା କେନ୍ଦ୍ର ସ୍ଥାପନା କରିବାର ଯୋଜନା ପ୍ରସ୍ତୁତ କରିଛନ୍ତି । ବର୍ତ୍ତମାନ ୫୫୦୦ ଆଇଟିଆଇ କେନ୍ଦ୍ରର ଆଧୁନିକିକରଣ  କାର୍ଯ୍ୟ ମଧ୍ୟ ଖୁବ୍ ଜୋରସୋରରେ ଚାଲିଛି ।

**ତୃତୀୟ ଶିକ୍ଷା** ପଦକ୍ଷେପରେ ସବୁପ୍ରକାର ମେଡିକାଲ୍, ଉଚ୍ଚ ତଥା ବୈଷୟିକି ଶିକ୍ଷା ସ୍ତରକୁ ସଂପୂର୍ଣ ନିୟନ୍ତ୍ରଣମୁକ୍ତ କରିବା ତଥା ସେହିସବୁ ଶିକ୍ଷାକୁ ବିନିୟମିତ କରିବା ଉଦ୍ଦେଶ୍ୟ ରଖାଯାଇଛି । କେବଳ ଏହି ପଦକ୍ଷେପ ଜରିଆରେ ଅଭିନବତା ତଥା ଉତ୍କୃଷ୍ଟତା ହାସଲ କରାଯାଇପାରିବ ।

ପ୍ରଥମରୁ ଷ୍ଟିଲ୍, ସିମେଣ୍ଟ, କାର, ସ୍କୁଟର ଆଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ରହିଥିଲା । କେବଳ କ୍ଷମତା ବଢ଼ିବା ସହିତ ମୁକ୍ତ ମାର୍କେଟ୍ କାରଣରୁ ଏହାର ମୂଲ୍ୟକୁ, ଗୁଣ ଓ ଉପଲବ୍ଧତାକୁ ନିୟନ୍ତ୍ରଣରେ ରଖାଯାଇପାରିଲା । ଶିକ୍ଷାର ସବୁ କ୍ଷେତ୍ର ବିଶେଷ କରି ଉଚ୍ଚତର ଶିକ୍ଷା, ମେଡିକାଲ ଓ ବୈଷୟିକି ଶିକ୍ଷା କ୍ଷେତ୍ରରେ **ଲାଇସେନ୍ସ ରାଜକୁ** ହଟାଇବା ଅନିବାର୍ଯ୍ୟ ଅଟେ ।

ଶିକ୍ଷା ହେଉଛି ଏଭଳି ଏକ ଉଦ୍ୟୋଗ ଯାହାକୁ ସୂଚନା ପ୍ରାଦ୍ୟେଗିକି ତଥା ସଫ୍ଟଓୟାର ୫ ଗୁଣା ବୃଦ୍ଧି କରିପାରେ। ଏଥିପାଇଁ ଏଥିରେ ସଫ୍ଟଓୟାର ତଥା ସୂଚନା ପ୍ରାଦ୍ୟୋଗିକି କ୍ଷେତ୍ରରେ ଅନେକ ରୋଜଗାର ସୃଷ୍ଟିର ସମ୍ଭାବନା ରହିଛି ।

ପାଠକମାନଙ୍କୁ **ପ୍ରାଥମିକ ସ୍ୱାସ୍ଥ୍ୟ** ପରିଚର୍ଯ୍ୟା କ୍ଷେତ୍ରଗୁଡ଼ିକ ଉପରେ କିଛି ତଥ୍ୟ ଏବଂ ତାହାର ସମାଧାନ ପାଇଁ ଧ୍ୟାନ ଦେବା ଆବଶ୍ୟକ ।

**ସୁଶାସନକୁ** ରେଖାଙ୍କିତ କରିବା ପାଇଁ କୁଶାସନ ତଥା ତାହାର କୁପ୍ରଭାବ ନିମନ୍ତେ କିଛି ଉଦାହରଣ ଦିଆଯାଇଛି । ଗଣତନ୍ତ୍ରରେ ସୁଶାସନ ଆଣିବା ସେ ପର୍ଯ୍ୟନ୍ତ କଷ୍ଟକର ହେବ ଯେତେବେଳ ପର୍ଯ୍ୟନ୍ତ ଜନପ୍ରତିନିଧି ସମ୍ବନ୍ଧିତ ଶିକ୍ଷାର ଶକ୍ତିସମ୍ପନ୍ନ ହୋଇ ନଥିବ ।

ଲଘୁ ତଥା କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ **(ଏମ୍ଏସ୍ଏମ୍ଇ)**ର ବାସ୍ତବିକ କ୍ଷମତାକୁ ବୁଝିବା ପାଇଁ ଆମ ଦେଶରେ ସ୍ୱାଧୀନତା ପରେ **୫୯** ବର୍ଷ ସମୟ ଲାଗିଛି ତଥା ଏହି ବିଷୟରେ ଅଧିକ ଚର୍ଚ୍ଚା ଓ ତର୍ଜମା କରିବାକୁ ହୋଇଛି। ଏମ୍ଏସ୍ଏମ୍ଇ ଉପରେ ବିଧେୟକ କେବଳ ୨୦୦୬ରେ ସୁପାରିଶ୍ କରାଯାଇଛି । ଆମର ଜିଡିପି ସମ୍ଭବତଃ ଏଠାରେ ୮୦% ରହିଛି ।

ଭାରତ ସମେତ ଏହି ବିଶ୍ୱରେ ୯୯.୭% ସଂଗଠନଗୁଡ଼ିକ ହେଉଛନ୍ତି ଏମ୍ଏସ୍ଏମ୍ଇ ପର୍ଯ୍ୟାୟଭୁକ୍ତ । ଏହା ହେଉଛି ଯେକୌଣସି ରାଷ୍ଟ୍ର ପାଇଁ ପ୍ରକୃତ ଶକ୍ତିକ୍ଷେତ୍ର। ୪୯୦ ମିଲିୟନର ଶ୍ରମଶକ୍ତି ମଧ୍ୟରୁ କେବଳ ୬% ସଂଗଠିତ କ୍ଷେତ୍ରରେ ରହିଛନ୍ତି ତଥା ଶେଷ ୪୬୦ ମିଲିୟନ୍ ଯାହା ୯୪% ଅସଂଗଠିତ କ୍ଷେତ୍ରରେ ରହିଛନ୍ତି । ଅନୁମାନ କରାଯାଏଯେ ଲଘୁ ତଥା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ମୋଟ୍ ସଂଖ୍ୟା ୧୦୦ ମିଲିୟନ୍ ଯେଉଁଥିରେ ୮୦% କୃଷି ତଥା ବୃକ୍ଷରୋପଣ ଉଦ୍ୟୋଗ ଅଟେ ଏବଂ ସେବା ଓ ନିର୍ମାଣ ଉଦ୍ୟୋଗର ପରିମାଣ ହେଉଛି ୨୦% ।

ରୋଜଗାର ସୃଷ୍ଟି ପାଇଁ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ଭିଇଟି ତଥା ଏମ୍ଏସ୍ଏମ୍ଇର ମହତ୍ତ୍ୱକୁ ରେଖାଙ୍କିତ ତଥା ସ୍ପଷ୍ଟ କରାଯାଇଛି । ନବୀନତମ ସିଆଇଆଇ –ବିସିଜି – ପ୍ରଫେସର ସି.କେ. ପ୍ରହଲ୍ଲାଦ ପରିଯୋଜନା **ଭାରତ@୭୫** ଅନୁସାରେ ୨୦୨୨ ମସିହା ପର୍ଯ୍ୟନ୍ତ ରାଷ୍ଟ୍ରକୁ ୫୦୦ ମିଲିୟନ୍ ବିଶ୍ୱସ୍ତରୀୟ କୁଶଳୀ ଲୋକ ଓ ୨୦୦ ମିଲିୟନ୍ ବିଶ୍ୱସ୍ତରୀୟ ସ୍ନାତକଙ୍କ ଆବଶ୍ୟକତା ପଡ଼ିବ ।

ଏହି ପୁସ୍ତକର ବିକାଶ ଇତିହାସ ନାଟକୀୟ। ଅଧିକ ଜାଣିବା ପାଇଁ ଦୟାକରି ପୃଷ୍ଠା ସଂଖ୍ୟା ୮ ଦେଖନ୍ତୁ ।

**କେବଳ ପରିବର୍ତ୍ତନ ହିଁ ସ୍ଥିର ବିଷୟ ଅଟେ ।** ପାଠକଗଣ ଏଠାରେ ଆପଣଙ୍କୁ ନିଷ୍ପତ୍ତି ନେବାକୁ ହେବ ଯେ ଏହି ପରିବର୍ତ୍ତନ ଉତ୍କୃଷ୍ଟତା ପାଇଁ ରହିଥିଲା ବା ନିକୃଷ୍ଟତା ପାଇଁ ଥିଲା ।

କ୍ରିଷନ୍ ଖନ୍ନା
*ମୁମ୍ବାଇ, ଭାରତ*
ଏପ୍ରିଲ, ୨୦୧୪

**ଅସ୍ୱୀକରଣ**
ଏହି ପୁସ୍ତିକାରେ ଦିଆଯାଇଥିବା ସୂଚନାଗୁଡ଼ିକୁ ଭାରତ ତଥା ଭାରତ ବାହାରୁ ଗତ ୨୦ ବର୍ଷ ମଧ୍ୟରେ ବିଭିନ୍ନ ଉତ୍ସରୁ ସଂଗ୍ରହ କରାଯାଇଛି। ଏଠାରେ ଦିଆଯାଇଥିବା ତଥ୍ୟର ସଠିକତା ପାଇଁ *i Watch* କୌଣସି ଆଇନ୍‌ଗତ ଭାବରେ ଦାୟୀ ରହିବ ନାହିଁ ।
ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ଭିତ୍ତି କରି ଆମେ କୌଣସି ନିବେଶ ଓ ବ୍ୟାବସାୟିକ ନିଷ୍ପତ୍ତି ଗ୍ରହଣ କରିବା ଲାଗି ସୁପାରିଶ୍ କରୁନାହୁଁ ।
ଅଧିକାଂଶ ସୂଚନାର ଉତ୍ସ ସହିତ ସନ୍ଦର୍ଭର ସବିଶେଷ ପୃଷ୍ଠା ୯୨ରେ ଦିଆଯାଇଛି ।
ନବୀନତମ ତଥ୍ୟ ତଥା ସୂଚନା ପାଇବା ପାଇଁ ପାଠକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ସାଂପ୍ରତିକ ୱେବ୍‌ସାଇଟ୍ ଏବଂ ପୃଷ୍ଠା ୯୨ରେ ଦର୍ଶାଯାଇଥିବା ହ୍ୟାଣ୍ଡବୁକ୍ ଦେଖନ୍ତୁ ।

**ସମ୍ମାନୀୟ ଭାରତର ନାଗରିକ**
ପୁରୁଷ, ମହିଳା ଓ ପିଲାମାନେ

# ସମନ୍ୱିତ ବିକାଶର ମନ୍ତ୍ର : ମାନବ ସମ୍ବଳ *ଉପରେ ଗୁରୁତ୍ୱାରୋପ*

ପ୍ରିୟ ବନ୍ଧୁଗଣ,

ଆମେ ହେଉଛୁ ଦୀର୍ଘ ୨୧ ବର୍ଷର ଏକ ପୁରୁଣା ଏନ୍‌ଜିଓ ପରିବାର ଏବଂ ଆମେ ଶାସନ, ଶିକ୍ଷା, ଅର୍ଥନୀତି ଓ ସଶକ୍ତିକରଣ କ୍ଷେତ୍ରଗୁଡ଼ିକ ଉପରେ କାର୍ଯ୍ୟ କରିଆସୁଛୁ । ମୋର ପୁସ୍ତକର କପି – **ବଦଳାଉଛୁ ଭାରତବର୍ଷ** ମୁକ୍ତ ଭାବରେ ଆମର ୱେବ୍‌ସାଇଟ୍ www.wakeupcall.org ରୁ ଡାଉନ୍‌ଲୋଡ୍ କରିହେବ। ୬ ବର୍ଷ ପାଇଁ ଜର୍ମାନୀ ଓ ଜାପାନରେ କାର୍ଯ୍ୟ କରିବା ପାଇଁ ମୋତେ ଏକ ଉତ୍ତମ ସୁଯୋଗ ମିଳିଛି । ଏହି ଦୁଇଟି ଦେଶ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନଷ୍ଟ ହୋଇଯାଇଥିଲା । ତାଙ୍କ ନିକଟରେ ଖଣିଜ ସଂପଦ ଯଥା କୋଇଲା, ତୈଳ ଓ ଗ୍ୟାସ ନଥିଲେ ସୁଦ୍ଧା ସେମାନେ ବିଶ୍ୱର ଦ୍ୱିତୀୟ ଓ ତୃତୀୟ ବୃହତ୍ ଆର୍ଥିକ ସମୃଦ୍ଧ ଦେଶ ରୂପେ ନିଜକୁ ପ୍ରମାଣିତ କରିପାରିଛନ୍ତି। ଏହା ଭାରତର ଆକାରର ମାତ୍ର ୧୨% । ସେମାନଙ୍କଠାରେ ରହିଛି **ଉତ୍ତମମାନର ମାନବ ସମ୍ବଳ** । ଏହା ହେଉଛି ତାଙ୍କର ସଫଳତାର ମୂଳମନ୍ତ୍ର । ସେହିଭଳି ଏସିଆନ୍ ଟାଇଗର ଯଥା ଚିନ୍, ଦକ୍ଷିଣ କୋରିଆ, ତାଇୱାନ, ହଂକଂ, ସିଙ୍ଗାପୁର, ମାଲେସିଆ ଓ ଜାପାନ ସମୃଦ୍ଧି ପଥରେ ନିଜର ସ୍ଥିତି ବଜାୟ ରଖିଛନ୍ତି ।

ମୁଁ ଏଠାରେ ଅତି ବିନୟ ସହକାରେ କହିବାକୁ ଚାହେଁ ଯେ ମୋର ୩୧ ବର୍ଷର ବ୍ୟାବସାୟିକ ଅଭିଜ୍ଞତା ଓ ୨୦ ବର୍ଷର ସାମାଜିକ ଉଦ୍ୟୋଗ କ୍ଷେତ୍ରରେ କାର୍ଯ୍ୟ ଅଭିଜ୍ଞତାରୁ ମୁଁ ଏହା ଜାଣିବାକୁ ପାଇଛି ଯେ ସରକାର ଅନେକ କିଛି କରିଛନ୍ତି କିନ୍ତୁ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଧ୍ୟାନ ଦେଲେ ଅଧିକ ସଫଳତା ଲାଭ କରାଯାଇପାରିବ ।

୧. **କେନ୍ଦ୍ର ସରକାରଙ୍କ ୱେବ୍‌ସାଇଟକୁ ମୁଖ୍ୟ ୧୨ ଗୋଟି ଭାରତୀୟ ଭାଷାରେ ରୂପାନ୍ତର କରିବା ।** ଇଂରାଜୀ ମାଧ୍ୟମ ତୁଳନାରେ ଭାରତୀୟ ଆଞ୍ଚଳିକ ମାଧ୍ୟମ ହେଉଛି ୨୦ଗୁଣା ବଡ଼ ଏବଂ ଅଧିକାଂଶ ଲୋକ ଏହି ଭାଷାକୁ ବୁଝିଥାନ୍ତି ଓ ସରକାରଙ୍କ ସହିତ କାର୍ଯ୍ୟ କରନ୍ତି । (ମାତ୍ର ୬% ଭାରତୀୟ ଇଂରାଜୀ ବୁଝନ୍ତି, ଆମର ଏନ୍‌ଜିଓ ୧୨ ଟି ଭାରତୀୟ ଭାଷାରେ ପ୍ରକାଶନ କରୁଛି) ନୂଆଦିଲ୍ଲୀର ରଫିମାର୍ଗଠାରେ ଥିବା ଆଇଏନ୍‌ଏସ୍, ଇଣ୍ଡିଆନ୍ ନିଉଜ୍ ପେପର ସୋସାଇଟି ହ୍ୟାଣ୍ଡବୁକ୍ ଆପଣଙ୍କୁ ଏ ବିଷୟରେ ଅଧିକ ସୂଚନା ଦେଇପାରିବ। ଏପରିକି ଗୁଗଲ୍, ଓରାକଲ୍ ଓ ମାଇକ୍ରୋସଫ୍‌ଟ ମଧ୍ୟ ପ୍ରାୟ ୯ରୁ ୧୫ଟି ଭାରତୀୟ ଭାଷାକୁ ନେଇ କାର୍ଯ୍ୟ କରୁଛନ୍ତି। ଭାରତୀୟ ସମ୍ବିଧାନ ୨୨ଟି ଭାଷାକୁ ସ୍ୱୀକୃତି ପ୍ରଦାନ କରିଛି ।

୨. **ପୂର୍ବ ପ୍ରାଥମିକ, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଉପରେ ଗୁରୁତ୍ୱାରୋପ ।** ୬୫ ବର୍ଷ ପରେ ପ୍ରାୟ ୬୫% ଭାରତୀୟ ସାକ୍ଷର ହୋଇପାରିଛନ୍ତି (ଆମର ଆକଳନରେ, ଦୟାକରି ୟୁଏନ୍‌ଡିପିକୁ ମଧ୍ୟ ଯାଞ୍ଚ କରନ୍ତୁ) । ଯଦି ଲୋକମାନେ ପଢ଼ିଲେଖି ନପାରିବେ ତେବେ ଦାରିଦ୍ର୍ୟକୁ ଦୂର କରିବା ସମ୍ଭବ ନୁହେଁ । ୬ କିମ୍ବା ୭ ବର୍ଷ ବେଳକୁ ମସ୍ତିଷ୍କର ୯୦% ବିକଶିତ ହୋଇଯାଇଥାଏ । ତେଣୁ ପୂର୍ବ ପ୍ରାଥମିକ ଶିକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

୩. **ଉଦ୍ୟୋଗ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ।** ଇୟୁରେ ଏହା ଶ୍ରେଣୀ ୧ରୁ ଆରମ୍ଭ କରାଯାଇଥାଏ । ଭାରତରେ ଆମେ ଏହାକୁ ଅତିକମ୍‌ରେ ଶ୍ରେଣୀ ୮ କିମ୍ବା ଉଚ୍ଚ ମାଧ୍ୟମିକ ସ୍ତରରେ ଆରମ୍ଭ କରିବା ଆବଶ୍ୟକ। ଆପଣ ଆତ୍ମନିର୍ଭରଶୀଳ ହୋଇପାରନ୍ତି କିମ୍ବା ଅନ୍ୟମାନଙ୍କ ପାଇଁ କାମ କରିପାରନ୍ତି, ଦୁଇଟି ଯାକଗୁଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ । **ପାଖାପାଖି ୫୮% ଭାରତୀୟ ଆତ୍ମନିର୍ଭରଶୀଳ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏସ୍‌କ୍ୟୁ ଓ ଇକ୍ୟୁ ବୃଦ୍ଧି କରିବାରେ ଇଏସ୍‌ଡି ସାହାଯ୍ୟ କରେ ।**

୪. **ଦକ୍ଷତା, ଧନ୍ଦାମୂଳକ ତାଲିମ୍ ଓ ନିଯୁକ୍ତି ସୃଜନ ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ ।** ଭାରତ (୧୨୧୦ ନିୟୁତ ଜନସଂଖ୍ୟା) ରେ ୯୫୦୦ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ (ଧନ୍ଦାମୂଳକ ଶିକ୍ଷା ଓ ତାଲିମ୍) କେନ୍ଦ୍ର ରହିଛି। ସୁଇଜରଲ୍ୟାଣ୍ଡ (ଜନସଂଖ୍ୟା ୮ ନିୟୁତ) ରେ ୬୦୦୦, ଜର୍ମାନୀ (ଜନସଂଖ୍ୟା ୮୨ ନିୟୁତ)ରେ ୧୦୦୦୦୦, ଜାପାନ୍ (ଜନସଂଖ୍ୟା ୧୨୯ ନିୟୁତ)ରେ ୧୫୦୦୦୦, ଚିନ୍ (ଜନସଂଖ୍ୟା ୧୩୫୦ ନିୟୁତ)ରେ ୫୦୦୦୦୦ ଶିକ୍ଷାନୁଷ୍ଠାନ ରହିଛି । ୧୮୩୫ରେ ଭାରତରେ ଲର୍ଡ ମାକ୍‌ଲେଙ୍କ ଦ୍ୱାରା ଗୁରୁକୁଳ **କେନ୍ଦ୍ରଗୁଡ଼ିକୁ** ଭାଙ୍ଗିଦିଆଯିବା ପରେ ଆମମାନଙ୍କ ମଧ୍ୟରେ ଦକ୍ଷତା ଓ ଧନ୍ଦାମୂଳକ ଭିତ୍ତିଭୂମିଗଠନମୂଳକ ଶିକ୍ଷା ଖୁବ୍ କମ୍ ହୋଇଯାଇଛି । **ଧନ୍ଦାମୂଳକ ଶିକ୍ଷା** ଓ ତାଲିମ୍ ଦ୍ୱାରା **ଏସ୍‌କ୍ୟୁ ଓ ଇକ୍ୟୁର ମାନ ବୃଦ୍ଧି ହୋଇଥାଏ ।**

୫. **ରାଷ୍ଟ୍ରୀୟ ଜ୍ଞାନ ଆୟୋଗର ସାମ୍ ପିଟ୍ରୋଡାଙ୍କ ଦ୍ୱାରା ସୁପାରିଶର କାର୍ଯ୍ୟକାରୀତା ।** ଏନ୍‌କେସି **ଉଚ୍ଚ ଶିକ୍ଷା, ବୈଷୟିକ, ମେଡିକାଲ୍ ଓ କୃଷି ଶିକ୍ଷା** ଉପରେ ଅନେକଗୁଡ଼ିଏ ମୂଲ୍ୟବାନ ମତାମତ ଦେଇଛି । ଏଏସ୍‌ଏପିର କାର୍ଯ୍ୟକାରୀତା କରିବା ଲାଗି ଏହିସବୁ ଆବଶ୍ୟକ। ଆଜି କୌଣସି ଭାରତୀୟ କଲେଜ୍ ଓ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରରେ ଶୀର୍ଷ ୨୫୦ ସ୍ଥାନରେ ରହିପାରିନାହାନ୍ତି । ଯଦି ଏହିଭଳି ଭାବରେ ଆମେ ଆଗେଇ ଚାଲୁ ତେବେ ଆଗାମୀ ୧୦ ବର୍ଷ ମଧ୍ୟରେ ବିଶ୍ୱରେ ଶୀର୍ଷ ସ୍ଥାନୀୟ ୫୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ମଧ୍ୟ ଆମେ ସ୍ଥାନପାଇପାରିବା ନାହିଁ। **କେବଳ ପ୍ରତିଯୋଗୀତା ଓ ମୁକ୍ତ ମାର୍କେଟ୍ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୂତନତା ଆଣିବା, ଗବେଷଣା କରିବା ଓ ଆନ୍ତର୍ଜାତିକ ଗୁଣମାନ ବୃଦ୍ଧି କରିବା ପାଇଁ ପ୍ରେରଣା ଦେଇପାରେ ।** ଏଠାରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କୁ ଶୃଙ୍ଖଳରେ ବାନ୍ଧି ଦିଆଯାଇଛି, ତେଣୁ ତାଙ୍କୁ ମୁକ୍ତ କରିବାର ଆବଶ୍ୟକତା ରହିଛି ।

୬. **ଶିକ୍ଷା ବୈଷୟିକି, ଧନ୍ଦାମୂଳକ ତାଲିମ୍ ଏବଂ ଔଦ୍ୟୋଗିକ ଦକ୍ଷତା ସୃଷ୍ଟି ପାଇଁ *i Watch* ଦ୍ୱାରା ପ୍ରଦାନ କରାଯାଉଥିବା ସମାଧାନ ।** ସ୍କୁଲ୍ ଶିକ୍ଷା ପାଇଁ ଆମେ ସ୍ୱଳ୍ପ ମୂଲ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ଭାରତୀୟ ବୈଷୟିକତାମୂଳକ ଶିକ୍ଷାକୁ ଦୂର ମାଧ୍ୟମ ଶିକ୍ଷା ଓ ତାଲିମ୍ ଜରିଆରେ **(ଛାତ୍ର ପିଛା ବର୍ଷକୁ @ ଟ.୧୦୦ ହାରରେ)** ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଦାନ କରୁଛୁ **(@ ଘଣ୍ଟା ପ୍ରତି ୨ ଟଙ୍କା ହିସାବରେ ଜଣ ପ୍ରତି ଜଣେ ମେଣ୍ଟରିଂ)** ଯଦ୍ୱାରା ଔଦ୍ୟୋଗିକ **ଦକ୍ଷତା ବିକାଶ ଓ ଧନ୍ଦାମୂଳକ ତାଲିମ୍** ପ୍ରଦାନ କରାଯାଇପାରୁଛି। ସବିଶେଷ ବିବରଣୀ ପାଇଁ ଆମର ସିଏସ୍‌ଆର ନୋଟ୍ ଦେଖନ୍ତୁ ।

# ସୁସଂଗତ ଶିକ୍ଷା ଓ **ବ୍ୟାବସାୟିକ ପ୍ରଶିକ୍ଷଣ** ଦ୍ୱାରା ଆର୍ଥିକ ବିକାଶ ବଜାୟ ରଖିବା

ଯେ ପର୍ଯ୍ୟନ୍ତ ଭାରତ ଦେଶ ବିଷୟରେ ଆଲୋଚନା କରାଯାଉଛି ସେତେବେଳେ ଉପରୋକ୍ତ ବିଷୟ ଉପରେ ନିରନ୍ତର କାର୍ଯ୍ୟ କରିବାକୁ ହେବ ।

ଅର୍ଥନୀତିର ବିକାଶକୁ ମଜ୍‌ବୁତ୍ କରିବା ପାଇଁ ଧନ୍ଦାମୂଳକ ତାଲିମ ଜରିଆରେ ଆବଶ୍ୟକ କରାଯାଉଥିବା **ମାନବ ସମ୍ବଳ ବିକାଶ, ସମ୍ବନ୍ଧିତ ଶିକ୍ଷା** ଓ **ଦକ୍ଷତାର** ଗୁରୁତ୍ୱକୁ ବଳିଷ୍ଠ କରିବା ପାଇଁ ନିମ୍ନରେ ଦୁଇଗୋଟି ଉଦାହରଣ ଦିଆଯାଉଛି ।

ବିକାଶଶୀଳ ଦେଶଗୁଡ଼ିକ ପାଇଁ ଧନ୍ଦାମୂଳକ ଶିକ୍ଷା ଓ ତାଲିମ୍ (ଭିଇଟି) ଉପରେ ଏକ ଅଧିବେଶନରେ ଅଧ୍ୟକ୍ଷତା କରିବା ଲାଗି ଦକ୍ଷିଣ କୋରିଆ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ମୋତେ ଅକ୍ଟୋବର ୨୦୦୭ରେ ଆମନ୍ତ୍ରଣ କରାଯାଇଥିଲା ।

ଏହା ଗ୍ଲୋବାଲ୍ ଏଚ୍‌ଆର ଫୋରମ୍‌ର ଏକ ଅଂଶ ଥିଲା ଯେଉଁଥିରେ ୫୦ଟି ଦେଶରୁ ପ୍ରାୟ ୧୨୦୦ ଶିକ୍ଷା ବିଶେଷଜ୍ଞମାନେ ଭାଗ ନେଇଥିଲେ । ଏହି ଫୋରମରେ ଆମନ୍ତ୍ରିତ ଏକମାତ୍ର ଦ୍ୱିତୀୟ ଭାରତୀୟ ଆଇଆଇଟି ମାଡ୍ରାସ୍‌ର ଡାଇରେକ୍ଟର ପ୍ରଫେସର ଅନନ୍ତ ଜି ଥିଲେ ।

ଦକ୍ଷିଣ କୋରିଆର ଉପପ୍ରଧାନମନ୍ତ୍ରୀ ମହୋଦୟଙ୍କ ଦ୍ୱାରା ଏହି ଗ୍ଲୋବାଲ୍ ଫୋରମ୍‌କୁ ଉଦ୍‌ଘାଟନ କରାଯାଇଥିଲା। ପ୍ରାୟ ୫୦ ବର୍ଷ ପୂର୍ବେ ଦକ୍ଷିଣ କୋରିଆର ଲୋକମାନେ ଭାରତୀୟଙ୍କ ପରି ଗରିବ ଥିଲେ ।

ଦକ୍ଷିଣ କୋରିଆ ଧାତୁ, କୋଇଲା ଓ ଗ୍ୟାସ୍, ଅଏଲ୍, ଅନ୍ୟାନ୍ୟ ହାଇଡ୍ରୋକାର୍ବନ୍ ରୂପକ ଉର୍ଜା ପାଇଁ ଜାପାନ୍ ଓ ଜର୍ମାନୀ ଉପରେ ନିର୍ଭରଶୀଳ ଥିଲା। ତଥାପି ଦ୍ୱିତୀୟ ବିଶ୍ୱଯୁଦ୍ଧର ବିନାଶର ସମ୍ପୂର୍ଣ୍ଣ ବିଭିଷିକା ପରେ ଦକ୍ଷିଣ କୋରିଆର ଦୃତ ବିକାଶ ସମ୍ଭବ ହୋଇପାରିଥିଲା ଯେତେତେବେଳେକି ଭାରତ ଦେଶ କ୍ଷେତ୍ରରେ ଏହା ହୋଇପାରି ନାହିଁ ।

ଦକ୍ଷିଣ କୋରିଆର ଲୋକମାନେ ଏହା ଜାଣିଥିଲେ ଯେ **ଧନ୍ଦାମୂଳକ ପ୍ରଶିକ୍ଷଣ ଜରିଆରେ ଶିକ୍ଷା ଓ ଦକ୍ଷତା ନିର୍ମାଣ ସମ୍ଭବ ହୋଇପାରିବ ।**

ଦକ୍ଷିଣ କୋରିଆରେ ଏକ ଉପପ୍ରଧାନମନ୍ତ୍ରୀ ପଦ ସୃଷ୍ଟି କରାଯାଇଛି ଯାହାଙ୍କର **ପ୍ରମୁଖ ଦାୟୀତ୍ୱ** ହେଉଛି ମାନବ ସମ୍ବଳ ବିକାଶ, ଶିକ୍ଷା ଓ ଦକ୍ଷତା ନିର୍ମାଣ ।

ଆଜି ୫୦ ବର୍ଷ ବିତିଯିବା ପରେ ଦକ୍ଷିଣ କୋରିଆନ୍‌ଙ୍କ ବାର୍ଷିକ ଆୟ ପ୍ରାୟ ୟୁଏସ୍ ଡଲାର ୨୩୮୨୩ ଯେତେବେଳେକି ଭାରତର ଏହି ଆୟ ୟୁଏସ୍ ଡଲାର ୧୫୩୦ ରହିଛି ।

**କଣ ଏହି ସତ୍ୟ ଭାରତୀୟଙ୍କ ପାଇଁ ଏକ ସନ୍ଦେଶ ନୁହେଁ କି?** ଆସନ୍ତୁ ଆମେ ଦ୍ୱିତୀୟ ଉଦାହରଣଟିକୁ ମଧ୍ୟ ଦେଖିବା ଯାହା ବର୍ତ୍ତମାନ ଘଟିଛି ।

ଏକ ରାଷ୍ଟ୍ର ଭାବରେ ୨୦୨୨ ବେଳକୁ ଆମେ କେଉଁଠାରେ ଥିବା ? ବା ୭୫ତମ ସ୍ୱାଧୀନତା ଦିବସ ଯାହା **ଭାରତ@୭୫** ପରେ ଆମେ କେଉଁଠାରେ ଥିବା ? ଭାରତୀୟ ଔଦ୍ୟୋଗିକ ମହାସଂଘ ବା **ସିଆଇଆଇ** ବିଶ୍ୱ ବିଖ୍ୟାତ ପ୍ରବନ୍ଧନ ଗୁରୁ ସ୍ୱର୍ଗତ **ପ୍ରଫେସର ସିକେ ପ୍ରହଲ୍ଲାଦଙ୍କ** ସହିତ ମିଶି **ଭାରତ@୭୫** ନାମକ ଯୋଜନା ପ୍ରସ୍ତୁତ କରିଛନ୍ତି। ସିଆଇଆଇର ୭୪ ରାଷ୍ଟ୍ରୀୟ ସମିତି ମଧ୍ୟରୁ ଗୋଟିଏ ହେଉଛି **ଶିକ୍ଷା, ଦକ୍ଷତା ଏବଂ ମାନବ ସମ୍ବଳ ଓ ଯୁବକମାନେ** ପ୍ରାଥମିକ ସ୍ତରରେ ଏହି ପ୍ରକାର ପଦକ୍ଷେପ ପାଇଁ କାର୍ଯ୍ୟ କରୁଛନ୍ତି ।

ପ୍ରଫେସର ପ୍ରହଲ୍ଲାଦ ଏହି ବିଷୟରେ ସ୍ପଷ୍ଟ ମତ ଦେଇଛନ୍ତି ଯେ କେବଳ **ଲୋକମାନଙ୍କର ସଶକ୍ତିକରଣ ଦ୍ୱାରା** ବିଶେଷତଃ ଭାରତର ଯୁବଶକ୍ତି ଶିକ୍ଷା ଓ ଦକ୍ଷତା ନିର୍ମାଣ ଏବଂ ଧନ୍ଦାମୂଳକ ତାଲିମ ଜରିଆରେ ୨୦୨୨ ବର୍ଷ ବେଳକୁ ଆମକୁ ପ୍ରମୁଖ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇପାରିବା ।

ଯୋଜନା ଅନୁସାରେ ବିଭିନ୍ନ କୌଶଳଗତ କ୍ଷେତ୍ରରେ ୨୦୨୨ ପର୍ଯ୍ୟନ୍ତ ୫୦୦ ମିଲିୟନ୍ ଦକ୍ଷ କୁଶଳୀ ଲୋକମାନେ ଓ ୨୦୦ ମିଲିୟନ୍ ବିଶ୍ୱସ୍ତରୀୟ ସ୍ନାତକ ହେବା ଆବଶ୍ୟକ ।

ଭାରତରେ ଶିକ୍ଷା, ଅର୍ଥନୀତି, ସୁଶାସନ ଓ ରୋଜଗାର ସୃଜନ ଉପରେ ଅଧିକ ସୂଚନା ବିଷୟରେ www.wakeupcall.org ଉପଲବ୍ଧ ରହିଛି କିମ୍ବା ସଂପୃକ୍ତ ଶିକ୍ଷା ଓ ଧନ୍ଦାମୂଳକ ତାଲିମ୍ ଜରିଆରେ ଭାରତୀୟ ଜନତାଙ୍କ ସଶକ୍ତିକରଣ ଦ୍ୱାରା **ବଦଳାଉଛୁ ଭାରତବର୍ଷ** ନାମକ ପୁସ୍ତକରୁ ମିଳିପାରିବ ।

# ଏହି ପୁସ୍ତକର ବିକାଶ ଇତିହାସ

୧୯୯୩ରେ ଆମେ ଏହାକୁ ୪ ପୃଷ୍ଠା ବିଶିଷ୍ଟ ଏକ ପୁସ୍ତିକା ଆକାରରେ ଆରମ୍ଭ କରିଥିଲୁ।

୧୯୯୭ରେ ଏହାର ପୃଷ୍ଠା ସଂଖ୍ୟା ୮କୁ ବୃଦ୍ଧି ପାଇଲା ତଥା ଏହା ୧୦ଟି ଭାରତୀୟ ଭାଷାରେ ମଧ୍ୟ ଅନୁବାଦ କରାଗଲା।

୧୯୯୯ ମସିହାରେ ଏହି ପୁସ୍ତିକାକୁ ୧୬ ପୃଷ୍ଠା, ୨୦୦୧ରେ ୨୪ ପୃଷ୍ଠା, ୨୦୦୨ରେ ୨୮ ପୃଷ୍ଠା, ୨୦୦୪ରେ ୩୨ ପୃଷ୍ଠା, ୨୦୦୫ରେ ୩୬ ପୃଷ୍ଠା, ୨୦୦୬ରେ ୪୮ ପୃଷ୍ଠା ତଥା ଜାନୁୟାରୀ ୨୦୦୭ରେ ୫୬ ପୃଷ୍ଠା ଆକାରରେ ଏହି ପୁସ୍ତିକା ପ୍ରକାଶ ପାଇଲା।

ଜୁଲାଇ ୨୦୦୮ରେ ଏହାର ପୃଷ୍ଠା ସଂଖ୍ୟାକୁ ୮୮କୁ ବଢ଼ାଗଲା ଏବଂ ଜାନୁୟାରୀ ୨୦୦୯ରେ ଏହାର ପୃଷ୍ଠା ସଂଖ୍ୟା ୯୨ ହେଲା ଏବଂ ଅକ୍ଟୋବର ୨୦୦୯ରେ ୯୬ ପୃଷ୍ଠାର ପୁସ୍ତିକାରେ ପରିଣତ ହେଲା।

ଫେବୃୟାରୀ ୨୦୧୧ରେ ଏହି ସଂସ୍କରଣର ପୃଷ୍ଠା ସଂଖ୍ୟା ୧୦୦ ଥିଲା।

ଫେବୃୟାରୀ ୨୦୧୨ରେ ସଂସ୍କରଣଟିକୁ ୧୦୨ ପୃଷ୍ଠାରେ ପ୍ରକାଶ କରାଗଲା ଯେତେବେଳେ କି ବର୍ତ୍ତମାନ ଏପ୍ରିଲ ୨୦୧୪ ସଂସ୍କରଣର ପୃଷ୍ଠା ସଂଖ୍ୟା ୧୦୪ ଅଟେ।

**ବଦଳାଉଛୁ ଭାରତବର୍ଷ** ନାମକ ଏହି ପୁସ୍ତକ ଇଂରାଜୀରେ ଉପଲବ୍ଧ ଅଟେ। ଏହା ବ୍ୟତୀତ ଏହା ଅତିରିକ୍ତ ୧୨ଟି ଭାରତୀୟ ଭାଷା ଅର୍ଥାତ୍ ଅସମିୟା, ବଙ୍ଗଳା, ଗୁଜୁରାଟୀ, ହିନ୍ଦୀ, କନ୍ନଡ, ମଲାୟାଲାମ୍, ମରାଠୀ, ଓଡ଼ିଆ, ପଂଜାବୀ, ତାମିଲ୍, ତେଲୁଗୁ ତଥା ଉର୍ଦ୍ଦୁରେ ଉପଲବ୍ଧ ଅଟେ।

ଏହି ଚାରିଗୋଟି କ୍ଷେତ୍ର ଉପରେ ଆମର ଧ୍ୟାନ ସର୍ବଦା ରହିଆସିଛି।

୧ **ଶାସନ** ........................................ *ଇଣ୍ଡିଆ ଫାଷ୍ଟ*

୨ **ଶିକ୍ଷଣ ତଥା ମାନବ ସମ୍ବଳ ବିକାଶ** ........................................ *ଏଡୁକେସନ ଫାଷ୍ଟ*

୩ **ଅର୍ଥନୀତି ତଥା ଉଦ୍ୟୋଗ** ........................................ *ଇକୋନୋମି ଫାଷ୍ଟ*

୪ **ନିଯୁକ୍ତି ସୃଜନ** ........................................ *ଏମ୍ପ୍ଲଏମେଣ୍ଟ ଫାଷ୍ଟ*

*i Watch* କୁ ୪ ଟି ଖଣ୍ଡରେ ବିଭକ୍ତ କରାଯାଇଛି ଯାହାର ନାମ *ଇଣ୍ଡିଆ ଫାଷ୍ଟ, ଏଡୁକେସନ ଫାଷ୍ଟ, ଇକୋନୋମି ଫାଷ୍ଟ* ଓ *ଏମ୍ପ୍ଲଏମେଣ୍ଟ ଫାଷ୍ଟ*। ପ୍ରଥମ ତିନିଗୋଟି ବିଷୟରେ ପ୍ରତ୍ୟେକ ୧୦, ୧୨ ଓ ୯ ଗୋଟି ଲେଖା ରହିଥିଲା ବେଳେ ଚତୁର୍ଥଟିରେ ୧୬ଟି ଲେଖା ରହିଛି। ମୋଟ୍ ୪୭ଟି ଟିପ୍ପଣୀ ତଥା ଅବଲୋକନ ଏଥିରେ ରହିଛି।

ପାଠକଙ୍କୁ ମାର୍ଗଦର୍ଶନ ନିମନ୍ତେ ପ୍ରତ୍ୟେକ ପୃଷ୍ଠାର ଶେଷରେ ପାଠ ଉପରୋକ୍ତ ଚାରିଗୋଟି ଟିପ୍ପଣୀ ମଧ୍ୟରୁ ଗୋଟିଏର ପ୍ରତ୍ୟେକ ବର୍ଗୀକରଣ କରାଯାଇଛି।

ଉପରୋକ୍ତ ବିଷୟ ସହିତ ସଂପୃକ୍ତ ନଥିବା ବିଷୟକୁ ଆମେ **ସାଧାରଣ** ବର୍ଗ ଅଧିନରେ ଶ୍ରେଣୀ ବିଭକ୍ତ କରିଛୁ।



# ଚିର ସ୍ମରଣୀୟ ପ୍ରେରଣା

## ନୋବେଲ୍ ପୁରସ୍କାରପ୍ରାପ୍ତ କବି – ରବିନ୍ଦ୍ରନାଥ ଠାକୁର

**ଭାରତ ଏକ ଏଭଳି ଦେଶ ହୋଇପାରେ ଯାହାକୁ ରବିନ୍ଦ୍ରନାଥ ଠାକୁରଙ୍କ ଶବ୍ଦରେ ବର୍ଣିତ ପ୍ରକାରେ ସର୍ବୋତ୍ତମ ହୋଇପାରେ।**

*ଯେଉଁଠାରେ ଭୟ ରହିବ ନାହିଁ ଏବଂ ଶିର ଉନ୍ନତ ବଜାୟ ରହିବ,*
*ଯେଉଁଠାରେ ଜ୍ଞାନର ସ୍ରୋତ ଅବିରତ ଝରୁଥିବ*
*ସଂକୀର୍ଣ୍ଣ ଚିନ୍ତାଧାରା ଦ୍ୱାରା ଯେଉଁଠାରେ ବିଶ୍ୱ ଖଣ୍ଡ ବିଖଣ୍ଡିତ ହୋଇନଥିବ*
*ଯେଉଁଠାରେ ଶବ୍ଦ ସତ୍ୟତାର ଗଭୀରତା ମଧ୍ୟରୁ ବାହାରି ଆସୁଥିବ*
*ଯେଉଁଠାରେ ପ୍ରଚେଷ୍ଟା ସଫଳତା ପଥରେ ଆଗେଇ ଆସୁଥିବ*
*ଯେଉଁଠାରେ ସ୍ୱପ୍ନ ଚମକୁଥିବ ଓ ଏହା ବାଲିଝଡ଼ରେ ଲୁଚି ଯାଉନଥିବ*
*ଯେଉଁଠାରେ ପ୍ରଶସ୍ତ ଚିନ୍ତାଧାରା ଦ୍ୱାରା ମନ ପରିଚାଳିତ ଓ କ୍ରିୟାନ୍ୱିତ ହେଉଥିବ*
*ଯେଉଁଠାରେ ମୁକ୍ତିର ମାର୍ଗ ପ୍ରଶସ୍ତ ଥିବ, ପ୍ରଭୁ ମୋର ଦେଶବାସୀଙ୍କ ହୃଦୟରେ ଏହି ଭାବ ଜାଗ୍ରତ କରନ୍ତୁ ।*
*ଗୀତାଞ୍ଜଳୀ, ପଦ **XXXV***

# ଜଣେ ନାଗରିକଙ୍କ ପ୍ରୟାସ

ଜଣେ ନାଗରିକ, ଜଣେ ଆଇଆଇଟି ଇଂଜିନିୟରଙ୍କ ପ୍ରଚେଷ୍ଟା ଓ ସଂଗତ ଶିକ୍ଷା ତଥା ପ୍ରଶିକ୍ଷଣ ମାଧ୍ୟମରେ **ବଦଳାଉଛୁ ଭାରତବର୍ଷର** ଆରମ୍ଭ ତଥା ଏହାକୁ ଆଗେଇ ନେଇଯିବା ପାଇଁ ସକ୍ଷମ ହୋଇପାରିବ ।

ଆମ ସମସ୍ତଙ୍କର ଏହା କର୍ତ୍ତବ୍ୟ ରହିଛି, କେତେକ ଏହାକୁ ଅନୁଭବ କରନ୍ତି ଓ କେତେକ ଏହାକୁ ଅନୁଭବ କରନ୍ତି ନାହିଁ।

ଏଠାରେ ଗୁରୁତ୍ୱପୂର୍ଣ କଥାଟି ହେଉଛି ଆମକୁ କଣ କରିବା ଆବଶ୍ୟକ ସେ ବିଷୟରେ ଆମକୁ ସ୍ୱଷ୍ଟ ଦୃଷ୍ଟି ଦେବାକୁ ହେବ।

ପୁଣି ସବୁକିଛି ସହଜ ହୋଇଯିବ ......................................................................................................

ଏହା ରାଜନୀତି, ଧର୍ମ ତଥା କ୍ଷେତ୍ରବାଦର ବନ୍ଧନୀମୁକ୍ତ ପ୍ରୟାସ ଅଟେ ଯାହାର ଉଦ୍ଦେଶ୍ୟ କେବଳ ଲୋକମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ଓ ପୁଣି ଭାରତୀୟଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ କ୍ଷମତାକୁ ବୁଝି ଜାଣିପାରିବା, ଏହା ଆମର ଧ୍ୟେୟ ଅଟେ ଯେ ଲୋକଙ୍କୁ ଜଣାଇଦେବା ଆମେ କଣ ହରାଇଛୁ ଏବଂ ଆମେ କରୁଥିବା ଏହି କାର୍ଯ୍ୟର ମହତ୍ତ୍ୱ କଣ?

ଆମର ସାଧାରଣ ଚିନ୍ତାଧାରାଠାରୁ ଅନେକ ବିଶାଳ ହେଉଛି ଆମର ଭାରତ।

**ଏହି କାର୍ଯ୍ୟତ କେବଳ ଅଙ୍କୁରରୋପଣ ଅଟେ। ଏହାର ବିକାଶ ପାଇଁ ସେହି ସବୁ ହାତର ଆବଶ୍ୟକତା ରହିଛି ଯେଉଁଥିରେ ଆପଣଙ୍କର ମଧ୍ୟ ଗୋଟିଏ ଅଟେ।**

# ଏହି ପୁସ୍ତକର ଉଦ୍ଦେଶ୍ୟ

ଦେଶ ଆଗରେ ବର୍ତ୍ତମାନ ସବୁଠାରୁ ଏକ ବଡ଼ ଆହ୍ୱାନ ୧୦୦% କାର୍ଯ୍ୟମୂଳକ ସାକ୍ଷରତା, ଧନ୍ଦାମୂଳକ ଶିକ୍ଷା ତଥା ପ୍ରଶିକ୍ଷଣ ଜରିଆରେ ସାର୍ଥକ ଶିକ୍ଷା ପ୍ରଦାନ କରିବା ତଥା ଉପଲବ୍ଧ ଥିବା ସଂରଚନାର ଉଚ୍ଚତର, ଚିକିତ୍ସା ଏବଂ ବୈଷୟିକି ଶିକ୍ଷାକୁ ସମସ୍ତ କ୍ଷେତ୍ରରେ ବହୁ ଭାବରେ ବିସ୍ତାର କରାଇବା ଯେପରିକି ଏହା ପୂର୍ବରୁ ରହିଥିଲା ।

ଭାରତ ଏହାର ଯୁବ ଶକ୍ତିର ଶିକ୍ଷା ଓ ପ୍ରଶିକ୍ଷଣକୁ ସୁଦୃଢ଼ କରିବା ଆବଶ୍ୟକ।

ଜଣେ ଭାରତୀୟଙ୍କର ହାରାହାରି ବୟସ ହେଉଛି **୨୬ ବର୍ଷ।**

ଆମର ପ୍ରଥମ ପ୍ରାଥମିକତା ହେଉଛି **ଶିକ୍ଷା ତଥା ବାଳିକା ଓ ମହିଳାମାନଙ୍କର ସଶକ୍ତିକରଣ।**

# ଆମେ ଆପଣଙ୍କ ପାଇଁ କଣ କରିପାରିବୁ?

ପ୍ରିୟ ପାଠକଗଣ, ଆମେ ନିମ୍ନଲିଖିତ କ୍ଷେତ୍ରଗୁଡ଼ିକ ଉପରେ ଆପଣଙ୍କୁ ସାହାଯ୍ୟ କରିପାରିବୁ।

## ୧. ପ୍ରକାଶନ

ଏହି ପୁସ୍ତକ ବ୍ୟତୀତ ଆମର ଅନ୍ୟ **ପ୍ରକାଶନଗୁଡ଼ିକର ସୂଚୀ** ପୃଷ୍ଠା ୯୫ରେ ଦିଆଯାଇଛି । ଦୟାକରି ନୋଟ୍ କରନ୍ତୁ ଯେ ୧୦୪ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟି **୧୨ ଗୋଟି ଭାରତୀୟ ଭାଷାରେ** ଉପଲବ୍ଧ ଅଟେ ଯାହାକୁ ହିନ୍ଦୀ, ଉର୍ଦ୍ଦୁ, ପଂଜାବୀ, ଅସମିୟା, ବଙ୍ଗଳା, ଓଡ଼ିଆ, ଗୁଜରାଟୀ, ମରାଠୀ, ତାମିଲ୍, ତେଲୁଗୁ, କନ୍ନଡ ତଥା ମାଲାୟାଲାମ୍ ଭାଷାରେ ଅନୁବାଦ କରାଯାଇଛି । କେବଳ ୭% ଭାରତୀୟ ଜନତା ଇଂରାଜୀ ବୁଝିପାରନ୍ତି ।

## ୨. ପାରସ୍ପରିକ କର୍ମଶାଳା

ଆମେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ପାରସ୍ପରିକ କର୍ମଶାଳାର ଆୟୋଜନ କରିଥାଉ ଯାହାର ବିବରଣୀ ପୃଷ୍ଠା ୯୧ରେ ଦିଆଯାଇଛି । ଭାରତ ପାଇଁ ସୁସଂଗତ **ନିର୍ମାଣ ନୀତି**, ଭାରତ ପାଇଁ **ସୁସଂଗତ ଶିକ୍ଷାନୀତି**, **ଜଗତୀକରଣ** ତଥା ଭାରତ କେଉଁ ପ୍ରକାର +୧୦% ବୃଦ୍ଧି କରିବ ପ୍ରତିବର୍ଷ । **ସୁଶାସନ** ତଥା ଏହା କିଭଳି ନାଗରିକଙ୍କୁ ଲାଭ ଆଣିଦେବ, ପ୍ରତିବର୍ଷ ୧୦ ମିଲିୟନ୍ **ନୂତନ ରୋଜଗାର ସୃଷ୍ଟି** କରିବ, କଲେଜ୍‌ରୁ ଶିକ୍ଷା ଶେଷ କରିବା ପରେ ଧନ ଉପାର୍ଜନ କିଭଳି କରାଯାଇପାରିବ, ଶିକ୍ଷା ମାଧ୍ୟମରେ **ବଦଳାଉଛୁ ଭାରତବର୍ଷ ।**

## ୩. ଅଧ୍ୟାପକ, ଅଭିଭାବକ ଓ ଯୁବକମାନଙ୍କ ଚିନ୍ତାଧାରା ପରିବର୍ତ୍ତନ।

ଅଧିକ ବିବରଣୀ ଜାଣିବା ପାଇଁ ପୃଷ୍ଠା ୯୭ରେ ଦିଆଯାଇଥିବା ପ୍ରୋଜେକ୍ଟସ ୧ ଓ ୨କୁ ଦୟାକରି ଦେଖନ୍ତୁ । ଏହି ପ୍ରୋଜେକ୍ଟସରେ କେବଳ ସୂଚନା ପ୍ରଦାନ କରାଯାଇ ନାହିଁ, ଅନ୍ୟ ପକ୍ଷରେ ଏହାର ସକାରାତ୍ମକ ପ୍ରଭାବ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି ।

## ୪. ଉପଯୁକ୍ତ ତଥ୍ୟ ପ୍ରଦାନ

ଦୟାକରି ଆମର ୱେବ୍‌ସାଇଟ୍ www.wakeupcall.org ଦେଖନ୍ତୁ। ଆମର ସବୁ ପ୍ରକାଶନର ସୂଚନା ଆଇଟମ୍ ୧ ଅନ୍ତର୍ଗତ ସନ୍ଦର୍ଭର ବିସ୍ତୃତ ସୂଚନା ୯୨ରେ ରହିଛି । ଏଥିରୁ ଆପଣ ଦେଖିବେ ଆମେ ଅନେକଗୁଡ଼ିଏ ତଥ୍ୟକୁ ବୁଝାଇବାରେ ସହଜିଆ ଭାଷାର ମାଧ୍ୟମ ଅବଲମ୍ବନ କରିଛୁ। ସବୁ ତଥ୍ୟଗୁଡ଼ିକୁ ବର୍ଷକୁ ଗୋଟିଏ ଥର ନୂଆ ଆକାରରେ ଉପସ୍ଥାପିତ କରିଛୁ।

## ୫. ଧନ୍ଦାମୂଳକ ଶିକ୍ଷା ଓ ତାଲିମ୍ କେନ୍ଦ୍ରଗୁଡ଼ିକର ସ୍ଥାପନା

ଆମେ ଭାରତରେ କିଛି ବଡ଼ ବଡ଼ ସଂସ୍ଥା ସହିତ କାର୍ଯ୍ୟ କରିଛୁ ଯେଉଁମାନେ ପ୍ରତିବର୍ଷ ବହୁ ସଂଖ୍ୟକ ଲୋକଙ୍କୁ ତାଲିମ୍ ପ୍ରଦାନ କରୁଛନ୍ତି । ଆମେ ସେମାନଙ୍କୁ **ଜ୍ଞାନସାଥୀ** ଆକାରରେ ଗ୍ରହଣ କରିଛୁ । ବୈଷୟିକତାର ଉପଯୋଗ ଦ୍ୱାରା, ପ୍ରକୃତ ତାଲିମ୍ କେନ୍ଦ୍ରଗୁଡ଼ିକର ଉପଯୋଗ ଦ୍ୱାରା, ଏ ପ୍ରକାର ସମନ୍ୱିତ ତାଲିମ୍ କେନ୍ଦ୍ରଗୁଡ଼ିକର ଉପଯୋଗ ତଥା ବ୍ୟବସାୟ ଓ ସ୍ଥାନୀୟ ଅଞ୍ଚଳର ଶିଳ୍ପୋଦ୍ୟୋଗମାନଙ୍କୁ ଆମେ ତାଲିମ୍ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଛୁ ଏବଂ ପ୍ରକୃତ ତାଲିମ୍ ପ୍ରଦାନ ପାଇଁ ଶିକ୍ଷକ ନିଯୁକ୍ତ କରିଛୁ । ଏହା ସାଙ୍ଗକୁ ଆକଳନ ପରୀକ୍ଷା ଓ ଉପଯୁକ୍ତ ବ୍ୟକ୍ତିଙ୍କୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରିଛୁ। ପ୍ରଶିକ୍ଷଣ ପୂର୍ବରୁ କାଉନ୍‌ସେଲିଂ ପ୍ରଦାନ କରିବା ପାଇଁ ଓ ପ୍ରଶିକ୍ଷଣ ପରେ ଚାକିରୀ ଦେବା ପାଇଁ ଭାରତରେ ବିଭିନ୍ନ ଭୌଗୋଳିକ କ୍ଷେତ୍ର ତଥା ଜିଲ୍ଲାର ଯୁବବର୍ଗଙ୍କୁ ମୂଲ୍ୟାୟନ କରିଛୁ। ଏହି ସମୟରେ ଆମେ କୃଷି, ଉତ୍ପାଦନ, ସେବା କ୍ଷେତ୍ରରେ ରହିଥିବା ଭିଇଟି ପାଠ୍ୟକ୍ରମ ଉପରେ ଧ୍ୟାନ କେନ୍ଦ୍ରୀତ କରିଛୁ ତଥା ଭାରତର ସବୁ ଅଞ୍ଚଳରେ କେନ୍ଦ୍ର ସ୍ଥାପିତ କରିଛୁ। ବିସ୍ତୃତ ବିବରଣୀ ଅନୁରୋଧ ଉପରେ ଉପଲବ୍ଧ ହୋଇପାରିବ।

# *i Watch* ର ଧ୍ୟାନ ଆକର୍ଷଣ କ୍ଷେତ

## ଶିକ୍ଷା

**ଆମେ ଏହି ବିଷୟଗୁଡ଼ିକ ଉପରେ କାର୍ଯ୍ୟ କରୁଛୁ ତାର କାରଣ ହେଉଛି...**

୧. ୮୭% ରୁ ୯୩% ପିଲା କାଇଣ୍ଡରଗାର୍ଟେନ୍‌ରୁ ୧୦+ ୨ ମଧ୍ୟରେ ପାଠ ପଢ଼ା ଛାଡ଼ି ଦେଉଛନ୍ତି । ଏମାନଙ୍କ ମଧ୍ୟରେ କଦାପି ସ୍କୁଲ୍ ଯାଇନଥିବା ପିଲା ମଧ୍ୟ ରହିଛନ୍ତି ।

୨. ଉଚ୍ଚତର, ମେଡିକାଲ୍ ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଲାଇସେନ୍‌ସରାଜ ତଥା ନିୟନ୍ତ୍ରଣରେ ବୃଦ୍ଧି, ଅନୁସନ୍ଧାନ ତଥା ବିକାଶ, ଗୁଣବତ୍ତା ଓ କ୍ଷମତାରେ ପ୍ରତିବନ୍ଧକ ଲଗାଇଛି ।

୩. ଭାରତରେ ପର୍ଯ୍ୟାପ୍ତ ସିଟ୍ ତଥା ସ୍ତରୀୟ ଶିକ୍ଷା ନହେବା କାରଣରୁ ଭାରତୀୟ ବିଦ୍ୟାର୍ଥୀମାନଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ବିଦେଶକୁ ଯିବାକୁ ପଡ଼ିଥାଏ । ପ୍ରତିବର୍ଷ ପ୍ରାୟ ଟ.୫୦୦୦୦ କୋଟି ବା ୧୦ ରୁ ୧୨ ବିଲିୟନ୍ ୟୁଏସ୍ ଡଲାର ବିଦେଶକୁ ଚାଲିଯାଇଥାଏ । ଏହି ଅର୍ଥରାଶିରେ ପ୍ରତିବର୍ଷ ୫୦ ଆଇଆଇଏମ ଓ ୩୦ ଆଇଆଇଟି ହୋଇପାରିବ । ଅନୁମାନ କରାଯାଏ ଯେ ପ୍ରାୟ ୧୫୩,୦୦୦ ଛାତ୍ର ବିଦେଶରେ ଶିକ୍ଷା ଗ୍ରହଣ ପାଇଁ ଭାରତ ଛାଡ଼ିଥାନ୍ତି । ୫୦% ୨ ବର୍ଷିଆ ମାଷ୍ଟର କୋର୍ସ ପାଇଁ ଓ ଅବଶିଷ୍ଟ ୫୦% ୪ ବର୍ଷିଆ ଅଣ୍ଡର ଗ୍ରାଜୁଏଟ୍ କୋର୍ସ କରିବାକୁ ଯାଇଥାନ୍ତି ।

୪. ପ୍ରୟୋଜନମୂଳକ ସାକ୍ଷରତା ହାର ୩୩% ଆଶା କରାଯାଏ କିନ୍ତୁ ସରକାରୀ ତଥ୍ୟ ଅନୁସାରେ ଏହା ପ୍ରାୟ ୬୭% କିନ୍ତୁ ଦେଖିବାକୁ ଗଲେ ଚିନ୍‌ରେ ସାକ୍ଷରତା ହାର ପ୍ରାୟ ୯୩% ।

୫. ଅନୁପଯୁକ୍ତ ଦକ୍ଷତା ବିକାଶ । ଚିନ୍ ଓ ଅନ୍ୟାନ୍ୟ ବିକାଶଶୀଳ ଦେଶଗୁଡ଼ିକ ତୁଳନାରେ ସଂଗଠିତ କ୍ଷେତ୍ରରେ ୭%ରୁ ୧୦% ବ୍ୟକ୍ତିଙ୍କୁ ପ୍ରଶିକ୍ଷିତ କରିବାର ଆବଶ୍ୟକତା ରହିଥିବା ବେଳେ ବର୍ତ୍ତମାନ ଅତିବେଶୀରେ ୦.୫% ଶ୍ରମ ଶକ୍ତି ପ୍ରଶିକ୍ଷିତ ଅଟନ୍ତି ।

୬. ଭାରତକୁ ୨୭୦୦୦ ବିଦେଶୀ ଛାତ୍ର ଅଧ୍ୟୟନ କରିବାକୁ ଆସୁଥିବା ବେଳେ ଅଷ୍ଟ୍ରେଲିଆକୁ ୪୦୦୦୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରିବାକୁ ଆସିଥାନ୍ତି ।

୭. ଚିନ୍‌ରେ ୨.୫ ନିୟୁତ ସ୍କୁଲ୍ ରହିଥିବା ବେଳେ ଭାରତରେ ୧.୭ ନିୟୁତ ସ୍କୁଲ୍ ରହିଛି ।

୮. ଚିନ୍‌ରେ ୧୧୦୦ ବିଶ୍ୱ ବିଦ୍ୟାଳୟ ରହିଥିବା ରହିଥିବା ବେଳେ ଭାରତରେ ଏହାର ସଂଖ୍ୟା ହେଉଛି ମାତ୍ର ୫୬୩ ।

୯. ପ୍ରିପ୍ରାଇମେରୀ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉ ନାହିଁ । ୧ ରୁ ୬ ବର୍ଷ ବୟସ ମଧ୍ୟରେ ପିଲାମାନଙ୍କର ମସ୍ତିଷ୍କର ୯୦% ପର୍ଯ୍ୟନ୍ତ ବିକାଶ ହୋଇଯାଇଥାଏ ।

## ଶାସନ

**ଆମେ ଏହି ବିଷୟଗୁଡ଼ିକ ଉପରେ କାର୍ଯ୍ୟ କରୁଛୁ ତାର କାରଣ ହେଉଛି...**

୧. ଭାରତରେ ୩୫ଟି ରାଜ୍ୟ ତଥା କେନ୍ଦ୍ର ଶାସିତ ପ୍ରଦେଶ ଦ୍ୱାରା ଦେଶକୁ ପରିଚାଳନା ଲାଗି ଦୈନିକ ଟ.୩୬୦୦ କୋଟି ବା ୦.୭୨ ବିଲିୟନ୍ ୟୁଏସ୍ ଡଲାର ଖର୍ଚ୍ଚ କରାଯାଇଥାଏ । ଲୋକମାନେ ଏହାଦ୍ୱାରା ସୁଖରେ ରହିପାରିଛନ୍ତି କି?

୨. ଭାରତରେ ଏଫ୍‌ଡିଆଇ ଷ୍ଟକ୍ ଅତି ବେଶୀରେ ୧୨୧ ବିଲିୟନ୍ ୟୁଏସ୍ ରହିଛି ଯେ ତେବେଳେ କି ଚିନ୍ ଏବଂ ହଂକଂ ପାଇଁ ଏହା ୧୯୨୦ ବିଲିୟନ୍ ୟୁଏସ୍ ଡଲାର ଅଟେ ।

୩. ଭାରତକୁ ପ୍ରତିବର୍ଷ କେବଳ ୬ ମିଲିୟନ୍ ପର୍ଯ୍ୟଟକ ଆସିଥାନ୍ତି ଯେତେବେଳେ କି ଚିନ୍‌ରେ ଏ ପ୍ରକାର ପର୍ଯ୍ୟଟକଙ୍କ ସଂଖ୍ୟା ହେଉଛି ୮୦ ମିଲିୟନ୍ ।

୪. ବିଶ୍ୱ ବ୍ୟାପାରରେ ଆମର ଅଂଶୀଦାରୀ ପ୍ରାୟ ୨.୨% ରହିଥିବା ବେଳେ ଚିନ୍‌ର ୮.୦% ।

୫. ଭାରତର ପ୍ରତି ଏକର କୃଷି ଉତ୍ପାଦକତା ଚିନ୍ ତୁଳନାରେ ୪୦% ଅଟେ ।

୬. ଭାରତରେ ହାରାହାରି ଆୟୁ ୬୭ ବର୍ଷ ରହିଥିବା ବେଳେ ଚିନ୍‌ରେ ଏହା ହେଉଛି ୭୪ ।

୭. ଭାରତରେ ଇଲେକ୍‌ଟ୍ରିସିଟି ବୋର୍ଡ଼ସର ଟ୍ରାନ୍‌ସମିସନ ତଥା ଅନ୍ୟାନ୍ୟ କ୍ଷୟକ୍ଷତି ୨୫%ରୁ ୫୦% କ୍ଷତି ହେଉ ଥିବା ବେଳେ ଚିନ୍‌ରେ ଏହାର ହାର ୬% ରୁ ୮% ।

୮. ଭାରତରେ ବିଦେଶୀ ମୁଦ୍ରା ଆରକ୍ଷଣ ପାଖାପାଖି ୨୧୫ ବିଲିୟନ୍ ୟୁଏସ୍ ଡଲାର ହୋଇଥିବା ବେଳେ ଚିନ୍‌ରେ ୨୧୯୯ ବିଲିୟନ୍ ୟୁଏସ୍ ଡଲାର ହୋଇଥାଏ ।

୯. ଭାରତରେ ଏଚ୍‌ଆଇଭି/ଏଡ୍‌ସରେ ପ୍ରାୟ ୫ ମିଲିୟନ ଲୋକ ପ୍ରଭାବିତ ହୋଇଥିବା ବେଳେ ଚିନ୍‌ରେ ଏହାର ସଂଖ୍ୟା ୦.୮୫ ମିଲିୟନ୍ ଅଟେ ।

୧୦. ଭାରତରେ ରୁଗ୍‌ଣ ଫାର୍ମ ପରିଚାଳନା ହେତୁ ଫଳ ତଥା ପନିପରିବାଗୁଡ଼ିକର ୪୦% କ୍ଷତିଗ୍ରସ୍ତ ବା ନଷ୍ଟ ହୋଇଯାଇଥାଏ ।

୧୧. ଭାରତରେ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ହୋଇଥାଏ କିନ୍ତୁ ରୁଗ୍‌ଣ ଜଳ ପରିଚାଳନା ବ୍ୟବସ୍ଥା ହେତୁ ଆମେ ବନ୍ୟା କିମ୍ବା ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଉ ।

## ଅର୍ଥନୀତି

**ଆମେ ଏହି ବିଷୟଗୁଡ଼ିକ ଉପରେ କାର୍ଯ୍ୟ କରୁଛୁ ତାର କାରଣ ହେଉଛି...**

୧. ଶ୍ରମ ସମ୍ବନ୍ଧୀୟ ଆଇନ୍ ଭାରତୀୟ ସଂଗଠନକୁ ବର୍ତ୍ତମାନ ବିଶ୍ୱ ଅର୍ଥ ବ୍ୟବସ୍ଥା ସହିତ ସମାନ ସ୍ତରରେ ଆଗକୁ ବଢ଼ାଇବା ପାଇଁ ସୁଯୋଗ ଦେଉ ନାହିଁ ।

୨. ନିଯୁକ୍ତି ସୃଷ୍ଟି ବାଧାପ୍ରାପ୍ତ ହେଉଛି ତାର କାରଣ ହେଲା ଆମେ ଶ୍ରମ ଶକ୍ତିକୁ ପ୍ରୋତ୍ସାହନ କରିବା ପରିବର୍ତ୍ତେ ପୁଂଜି ବଜାରକୁ ପ୍ରୋତ୍ସାହିତ କରୁଅଛୁ ।

<୧ ବିଲିୟନ୍ = ୧୦୦୦ ନିୟୁତ> <୧ ନିୟୁତ = ୧୦ ଲକ୍ଷ> <୧ କୋଟି = ୧୦୦ ଲକ୍ଷ = ୧୦ ନିୟୁତ> <୧ ୟୁଏସ୍ ଡଲାର = ଟ.୬୦ (ପ୍ରାୟ)>

୩. ଭାରତ ନିକଟରେ ବିଶ୍ୱ ଜିଡିପି କେବଳ ୨.୬ ପ୍ରତିଶତ ରହିଛି । କ୍ରୟ ଶକ୍ତି ଖୁବ୍ କମ୍ । କିନ୍ତୁ ଶତ ପ୍ରତିଶତ ଦୃତ ଜନସଂଖ୍ୟା ବୃଦ୍ଧି କାରଣରୁ ଚାହିଦା ଅଧିକ । ଏହାର ଉତ୍ତର ହେଉଛି ରପ୍ତାନୀ । ୬୬ ବର୍ଷ ମଧ୍ୟରେ ଏହା ଉପରେ ପର୍ଯ୍ୟାପ୍ତ ଗୁରୁତ୍ୱ ପ୍ରଦାନ କରାଯାଇନାହିଁ । ଏସ୍ଇଜେଡ୍‌କୁ ଦୃତ ବିକାଶ କରାଯିବା ଆବଶ୍ୟକ ।

୪. ୧୨୧୦ ନିୟୁତ ଲୋକମାନଙ୍କ ପାଇଁ ଭିତ୍ତିଭୂମିମୂଳକ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ । ଏହା ଉପରେ ବହୁତ ଆଲୋଚନା କରାଯାଏ କିନ୍ତୁ କାର୍ଯ୍ୟକାରୀ କରାଯାଏ ନାହିଁ ।

୫. ଭାରତକୁ ନିଜର ବିଶ୍ୱ ବ୍ୟାପାର ପାଇଁ କ୍ରୟଶକ୍ତି ସମାନତା ଅର୍ଥାତ୍ ପରଚେଜିଂ ପାଓ୍ୱାର ପ୍ୟାରିଟି (ପିପିପି)ରୁ ଲାଭ ଉଠାଇବା ଆବଶ୍ୟକ ।

୬. ସୂଚନା ପ୍ରାଦ୍ୟୋଗିକି ତଥା ସଫ୍ଟଓୟାର ଭାରତୀୟ ଅର୍ଥ ବ୍ୟବସ୍ଥାକୁ କେବଳ ୫% ତଥା ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ୩% ଅଂଶ ଯୋଗାଉଛି । ଭାରତକୁ ବିଶ୍ୱ ଅର୍ଥ ବ୍ୟବସ୍ଥାର ୯୭% ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

୭. ମଧ୍ୟମ ଓ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗଗୁଡ଼ିକରୁ ପାଇବାକୁ ଥିବା ଲାଭକୁ ଆମେ ଠିକ୍ ଭାବରେ ବୁଝିପାରିନାହୁଁ । ଏହାର ମହଜୁଦ ବାଖ୍ୟା ବିଶ୍ୱ ମାନଦଣ୍ଡ ଅନୁସାରେ ନୁହେଁ । ଯେପରି ଇୟୁ, ୟୁଏସ୍ଏ, ଜାପାନ୍, ଚିନ ଆଦି ଦେଶରେ ରହିଛି । ଏହା ଭାରତୀୟ ବ୍ୟବସାୟ ପାଇଁ ଏକ ବଡ଼ କ୍ଷତିର ବିଷୟ କାରଣ ଦୁନିଆଁରେ ୯୯.୭% ସଂଗଠନ ଛୋଟ, ମଧ୍ୟମ ଉଦ୍ୟୋଗ ଅନ୍ତର୍ଭୁକ୍ତ । ଲଘୁ ଉଦ୍ୟୋଗ ଭାରତର ଜିଡିପିକୁ କେବଳ ୫% ଅବଦାନ ଯୋଗାଉଛି ଯେତେବେଳେକି ଛୋଟ ମଧ୍ୟମ ଉଦ୍ୟୋଗ ପ୍ରାୟ ୭୦% ରୁ ୮୦% ହେବା ଆବଶ୍ୟକ । ଉଦ୍ୟୋଗ ମନ୍ତ୍ରଣାଳୟର ଲକ୍ଷ୍ୟ ଉଦ୍ୟୋଗଗୁଡ଼ିକରୁ ଅର୍ଥନୀତି ଆଡ଼କୁ ଯିବା ଆବଶ୍ୟକ ।

# ନିଯୁକ୍ତି ସୃଜନ

**ଆମେ ଏହି ବିଷୟଗୁଡ଼ିକ ଉପରେ କାର୍ଯ୍ୟ କରୁଛୁ ତାର କାରଣ ହେଉଛି...**

୧. ଭାରତରେ ୪୩ ମିଲିୟନ୍ ରେଜିଷ୍ଟରଡ୍ ଅଣନିଯୁକ୍ତିପ୍ରାପ୍ତ ତଥା ପାଖାପାଖି ୧୮ ରୁ ୫୦ ବର୍ଷ ବୟସର ୨୬୦ ମିଲିୟନ୍ ଲୋକ ଅଛନ୍ତି ଯେଉଁମାନେ ନିଯୁକ୍ତି ପାଇଛନ୍ତି ବା ବେକାର ଅଛନ୍ତି କିନ୍ତୁ ସେମାନଙ୍କୁ ପଂଜୀକରଣ କରାଯାଇ ନାହିଁ ।

୨. ଆଜି ଜଣେ ଭାରତୀୟଙ୍କ ହାରାହାରି ବୟସ ୨୬ ବର୍ଷ ଯେତେବେଳେ କି ଏହା ୩୪ ବର୍ଷ ତଥା ୟୁରୋପିୟ, ଆମେରିକିୟ ବା ଜାପାନୀଙ୍କ କ୍ଷେତ୍ରରେ ଏହା ୪୦ ରୁ ୪୫ ବର୍ଷ ମଧ୍ୟରେ ରହିଛି । ଭାରତ ହେଉଛି ବିଶେଷତଃ ଏକ ଯୁବ ସମୃଦ୍ଧ ଦେଶ । ତେଣୁ ଏହି ଯୁବକମାନଙ୍କର ମଧ୍ୟରେ ଥିବା ଦକ୍ଷତାର ସଂପୂର୍ଣ ବିକାଶ କରି ଯୁବ ଭାରତର ଉନ୍ନତିରେ ସହାୟକ ହେବା ଆବଶ୍ୟକ ।

୩. ଚିନ୍ ନିଜର ଜିଡିପିର ପାଖାପାଖି ୨.୫% ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ (ଭିଇଟି) ରେ ୫୦୦୦୦୦ ଭିଇଟି କେନ୍ଦ୍ରରେ ଖର୍ଚ୍ଚ କରିଥାଏ ଯେଉଁଥିରେ ପ୍ରାୟ ୩୦୦୦ ଧନ୍ଦାମୂଳକ ପାଠ୍ୟକ୍ରମ ପ୍ରଚଳନ କରାଯାଉଛି । ଭାରତ ନିଜ ଜିଡିପିର ବହୁ କଷ୍ଟରେ ୦.୧% ଭିଇଟିରେ ୮୫୦୦ ଭିଇଟି କେନ୍ଦ୍ର ପାଇଁ ଖର୍ଚ୍ଚ କରୁଛି ଯେଉଁଥିରେ ପ୍ରାୟ ୪୦୦ ଧନ୍ଦାମୂଳକ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି । ଭିଇଟିରେ ବାସ୍ତବିକ ଖର୍ଚ୍ଚ ବହୁତ ଅଧିକ କିନ୍ତୁ ଏହାର ତଥ୍ୟ ଉପଲବ୍ଧ ନାହିଁ ।

୪. ସାଧାରଣ ଶିକ୍ଷା ତଥା ଜ୍ଞାନ ଅର୍ଜନଠାରୁ ଭିନ୍ନ ଧନ୍ଦାମୂଳକ ଶିକ୍ଷା ପ୍ରତ୍ୟକ୍ଷ ଭାବରେ ନିଯୁକ୍ତି ଏବଂ ସଂପଦ ସୃଷ୍ଟି ସହିତ ଜଡ଼ିତ। ଭିଇଟିକୁ ସାଧାରଣ ଲୋକ, କୁଶଳୀ ତଥା ପ୍ରଶିକ୍ଷଣ ଶ୍ରମ ଶକ୍ତି ପ୍ରୟୋଗ କରୁଥିବା ସଂଗଠନ ଏବଂ ବିଶ୍ୱସ୍ତରରେ ପ୍ରତିସ୍ପର୍ଦ୍ଧୀ ରୂପରେ ସେତେବେଳେ ପହଞ୍ଚି ପାରିବ ଯେତେବେଳେ ଆମର ୮୦% ଯୁବ ବର୍ଗ ୧୫ ବର୍ଷ ବୟସ ପରେ କଲେଜରେ ସାଧାରଣ ପଢ଼ାଶୁଣା ଯଥା ବିଏ, ବିଏସ୍‌ସି, ବିକମ୍ କରିବା ପରିବର୍ତ୍ତେ ଭିଇଟି ଆଡ଼କୁ ମନ ବଳାଇବେ ।

୫. ବିଶ୍ୱ ମାର୍କେଟରେ କୁଶଳୀ, ଯୁବ ଶ୍ରମଶକ୍ତିମାନଙ୍କୁ ଥଇଥାନ କରାଇବା ପାଇଁ ଭାରତରେ ଭିଇଟିକୁ ଉପଯୋଗୀ କରିବା ତଥା ଜନସାଂଖ୍ୟିକତାର ଲାଭ ଉଠାଇବା ଲାଗି ଭବିଷ୍ୟତରେ ନିଜର ଅଂଶୀଦାରୀକୁ ବୃଦ୍ଧି କରିବା ଆବଶ୍ୟକ ।

୬. ୪୯୦ ମିଲିୟନ୍ ମହଜୁଦ ଶ୍ରମଶକ୍ତିକୁ ଏହିଭଳି ଭାବରେ ବିଭାଜିତ କରାଯାଇପାରେ ଯେପରିକି ସାଂଗଠନିକ କ୍ଷେତ୍ର – ୩୦ ମିଲିୟନ, ଅଂସଗଠିତ କ୍ଷେତ୍ର – ୪୬୦ ମିଲିୟନ୍ ଆମ ସମ୍ମୁଖରେ ଆଜି ସବୁଠାରୁ ବଡ଼ ଆହ୍ୱାନଟି ହେଉଛି ୪୬୦ ମିଲିୟନ୍ ଅସଂଗଠିତ କ୍ଷେତ୍ର ପାଇଁ ବିଶ୍ୱସ୍ତରୀୟ ଭିଇଟି ଉପଲବ୍ଧ କରାଇବା ।

୭. ଅଧିକରୁ ଅଧିକ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଅସଂଗଠିତ କ୍ଷେତ୍ରଗୁଡ଼ିକରେ ରହିଛି। ଛୋଟ ମଧ୍ୟମ ଉଦ୍ୟୋଗ ଅର୍ଥବ୍ୟବସ୍ଥାର ପ୍ରକୃତ ଗତିବାହକ। ଛୋଟ ମଧ୍ୟମ ଉଦ୍ୟୋଗ ଉପରେ ଧନ୍ଦାମୂଳକ ଶିକ୍ଷା ତଥା ପ୍ରଶିକ୍ଷଣ ଯୁବଶକ୍ତିକୁ ସାମିଲ୍ କରାଗଲେ ବିଶ୍ୱରେ ଯୁବ ପ୍ରତିଭାବାନ୍ ତଥା ପ୍ରଶିକ୍ଷଣପ୍ରାପ୍ତ ମାନବଶକ୍ତି ସୃଷ୍ଟି ହୋଇପାରିବ । ଏହା ଭାରତ ପାଇଁ ଏକ ଆର୍ଥିକ ଶକ୍ତି ରୂପେ ସାହାଯ୍ୟ କରିବ ।

୮. ସୁଇଜରଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଦେଶରେ ପ୍ରତ୍ୟେକ ୮ ମିଲିୟନ୍ ଜନସଂଖ୍ୟା ପାଇଁ ୫୦୦୦ ଭିଇଟି କେନ୍ଦ୍ର ରହିଛି। ଏଠାରେ ରହିଥିବା ଜମିରୁ କୌଣସି ପ୍ରକାର ଖଣିଜ ସଂପଦ କିମ୍ବା ଶକ୍ତି ଉତ୍ପନ୍ନ ହେବା ସମ୍ଭବ ନୁହେଁ । କିନ୍ତୁ ଉଚ୍ଚଗୁଣମାନର ମାନବ ସମ୍ବଳ ହେତୁ ଏହାର ଜିଡିପି ପାଖାପାଖି ୩୩% ଯେତେବେଳେକି ଭାରତରେ ଏହାର ହାର ୨୩% ଅଟେ ।

୯. ବର୍ତ୍ତମାନ ଆପ୍ରେଣ୍ଟିସ୍ ଆକ୍ଟ ଦେଶର ଆବଶ୍ୟକତା ଅନୁରୂପ ନୁହେଁ । ଏଥିରେ ସଂପୂର୍ଣ ପରିବର୍ତ୍ତନ ଅଣାଯିବା ଆବଶ୍ୟକ ଯେପରି ୧୦% ଆପ୍ରେଣ୍ଟିସ୍ କାର୍ଯ୍ୟ କରିବା ସହିତ ପ୍ରଶିକ୍ଷଣ ପ୍ରାପ୍ତ ହେଉଥିବା ଆବଶ୍ୟକ ।

<୧ ବିଲିୟନ୍ = ୧୦୦୦ ନିୟୁତ> <୧ ନିୟୁତ = ୧୦ ଲକ୍ଷ> <୧ କୋଟି = ୧୦୦ ଲକ୍ଷ = ୧୦ ନିୟୁତ> <୧ ୟୁଏସ୍ ଡଲାର = ଟ.୬୦ (ପ୍ରାୟ)>

# *i Watch* ସମ୍ମାନିତ ନାଗରିକଙ୍କ କହିବା ଅନୁଯାୟୀ

ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ସଂଗଠନ ତଥା ବ୍ୟକ୍ତିଙ୍କଠାରୁ ପତ୍ର ତଥା ସମ୍ବାଦ ମାଧ୍ୟମରେ ପ୍ରାପ୍ତ **ମତାମତ ଏବଂ ପ୍ରତିକ୍ରିୟାଗୁଡ଼ିକୁ** ଦସ୍ତାବିଜ୍ ଆକାରରେ ରଖାଯାଇଛି ।

ଏଥି ମଧ୍ୟରୁ କେତେକ ଯୋଗାଯୋଗ ସଂକଳନକୁ ଏକ ଡୋସିୟର ଭାବରେ ରଖାଯାଇଛି ଓ ଆମର ମୁମ୍ବାଇସ୍ଥିତ କାର୍ଯ୍ୟାଳୟ ତଥା ଆମର ଅବୈତନିକ ପରାମର୍ଶ ଦାତାଙ୍କ ନିକଟରେ ଏହା ଉପଲବ୍ଧ ରହିଛି। ଏଥିରେ ରହିଥିବା କେତେକ ମତାମତକୁ ଆମେ ଏଠାରେ ଉପଲବ୍ଧ କରାଉଛୁ ।

ସଂକ୍ଷେପରେ *i Watch* ଦ୍ୱାରା ଗ୍ରହଣ କରାଯାଇଥିବା ଉପରୋକ୍ତ ରଣନୀତି ଦ୍ୱାରା ଲୋକଙ୍କର ଚିନ୍ତାଧାରା ତଥା କାର୍ଯ୍ୟଧାରାରେ ଆସିଥିବା ପରିବର୍ତ୍ତନକୁ ଦେଖି ଖୁସି ଲାଗୁଛି।

- ଆପଣଙ୍କ ସନ୍ଦର୍ଭରେ ଆପଣ ଯେଉଁ ମୁଲ୍ୟବାନ କଥାଗୁଡ଼ିକ ଜଣାଇଛନ୍ତି ସେସବୁ ମଧ୍ୟରୁ ମୁଁ କେତେକ ନୀତିକୁ କର୍ପୋରେଟ ଅନୁଶାସନରେ ସାମିଲ୍ କରିବାକୁ ଚାହିଁବି ।
*ଏନ୍.ଆର. ନାରାୟଣମୂର୍ତ୍ତି, ଅଧ୍ୟକ୍ଷ ଏବଂ ଚିଫ୍ ମେଣ୍ଟର, ଇନ୍‌ଫୋସିସ୍*

- ନାଗରିକଙ୍କ ହିତରେ *i Watch* ଯେଉଁଭଳି ମହନୀୟ କାର୍ଯ୍ୟ କରୁଛି ସେଥିପାଇଁ ଚାମ୍ବର ପକ୍ଷରୁ ଧନ୍ୟବାଦ ।
*ପି.ଏନ୍. ମୋଗ୍ରେ, ସେକ୍ରେଟାରୀ ଜେନେରାଲ୍, ଇଣ୍ଡିଆନ୍ ମର୍ଚ୍ଚାଣ୍ଟସ ଚାମ୍ବର*

- ଯେଉଁ ଯେଉଁ କ୍ଷେତ୍ରରେ ସେ କାର୍ଯ୍ୟ କରୁଛନ୍ତି ବା ସଂପୃକ୍ତ ଅଛନ୍ତି ତାହାର କିପରି ବିକାଶ କରାଯାଇପାରିବ ତାହା ହେଉଛି *i Watch* ର ଉଦ୍ଦେଶ୍ୟ ତଥା କ୍ରିଷ୍ଣା ଖାନ୍ନାଙ୍କର ଉଦ୍ଦେଶ୍ୟ ।
*ଡଃ ପି.ଏସ୍. ରାନା, ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ହୁଡ୍‌କୋ*

- ଆମେ ୫୦୦ରୁ ଅଧିକ ଏନ୍‌ଜିଓ ସହିତ ବିଚାର ବିମର୍ଷ ଓ କାର୍ଯ୍ୟ କରୁଅଛୁ ଏବଂ ଏହି ଆଧାରରେ ଆମେ ଏହା କହିବାକୁ ଚାହିଁବୁ ଯେ ଆମେ *i Watch* ଭଳି ଏକ ଅତ୍ୟନ୍ତ ସୁନ୍ଦର ଓ ସ୍ୱତନ୍ତ୍ର ଏନ୍‌ଜିଓ ପାଇଛୁ ।
*ବିନୟ ସୋମାନି, ମ୍ୟାନେଜିଂ ଟ୍ରଷ୍ଟି, କର୍ମଯୋଗ.କମ୍*

- ଆମେ ଆଶା କରୁଛୁ *i Watch* ରେ ପ୍ରଦାନ କରାଯାଇଥିବା ଚିନ୍ତାଧାରା ଓ ପରାମର୍ଶଗୁଡ଼ିକ ଭାରତର ଲୋକମାନଙ୍କର ଉନ୍ନତି ନିମନ୍ତେ ସହାୟକ ହୋଇପାରିବ ।
*ଅନୁପମ୍ ମିତ୍ତଲ, ପ୍ରେସିଡେଣ୍ଟ ଓ ସିଇଓ, ପିପୁଲ୍ ଗ୍ରୁପ୍*

- *i Watch* ଏଭଳି ଏକ ଭଲ ଏନ୍‌ଜିଓ ଯିଏକି ବଦଳାଉଛୁ ଭାରତବର୍ଷ ପ୍ରସ୍ତୁତ କରିବା ଲାଗି ଏତେ ସୁନ୍ଦର ଚିନ୍ତାଧାରା ପ୍ରଦାନ କରୁଛି । *ମେଜର ଜେନେରାଲ୍ ଡି.ଏନ୍. ଖୁରାନା, ମହାନିର୍ଦ୍ଦେଶକ, ଅଲ୍ ଇଣ୍ଡିଆ ମ୍ୟାନେଜ୍‌ମେଣ୍ଟ ଆସୋସିଏସନ୍*

- ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଓ ବଦଳାଉଛୁ ଭାରତବର୍ଷ ପାଇଁ ଯୋଜନା ପ୍ରସ୍ତୁତି ଉପରେ ନେଉଥିବା *i Watch* ର ଏଭଳି ବାସ୍ତବିକ ପଦକ୍ଷେପ ଲାଗି ମୁଁ ଏଥିସହିତ ଜଡ଼ିତ ଥିବା ସମସ୍ତ ଅଂଶଧାରକଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି ଯେଉଁମାନେ କି ଜନସଚେତନତା ସୃଷ୍ଟି କରିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି ।
*ସୁଷମା ବେରଲିଆ, ପ୍ରେସିଡେଣ୍ଟ, ଏଜୁକେସନ ପ୍ରମୋସନ୍ ସୋସାଇଟି ଫର ଇଣ୍ଡିଆ*

- ସେମାନେ ଭାରତ ପାଇଁ ଲକ୍ଷ୍ୟ ସ୍ଥାପନ ଓ ନିରନ୍ତର ଅଭିବୃଦ୍ଧି ଲାଗି ଏକ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ସେମାନେ ସଚେତନତା ସୃଷ୍ଟି ସାଙ୍ଗକୁ ନୀତିରେ କିଛି ପରିବର୍ତ୍ତନ ଆଣିବାକୁ ଆଶା କରିଛନ୍ତି। ଏହା ହେଉଛି ବାସ୍ତବରେ ଏକ ଅଭିନବ କୌଶଳ ଯାହାର ଏକ ଦୀର୍ଘସ୍ଥାୟୀ ସକାରାତ୍ମକ ପ୍ରଭାବ ରହିଛି ।
*ରାଜୀବ କୁମାର, ଚିଫ୍ ଇକୋନୋମିଷ୍ଟ, ସିଆଇଆଇ*

- *i Watch* ଭାରତର ଜନତାଙ୍କ ହିତରେ ଉତ୍ତମ ଅଭିଶାସନର ଆବଶ୍ୟକତା ଓ ମହତ୍ତ୍ୱ ବିୟେରେ ଲୋକମାନଙ୍କୁ କହିବା ଏବଂ ସଂବଦ୍ଧିତ ନୀତିଗତ ପରିବର୍ତ୍ତର ଆବଶ୍ୟତା ଉପରେ ଅବହିତ କରାଇବା ଲକ୍ଷ୍ୟରେ ଆଶ୍ଚର୍ଯ୍ୟଜନକ ଭାବରେ କାର୍ଯ୍ୟ କରୁଛି ।
*ଡ. ବି.ପି. ଡାକା, ସେକ୍ରେଟାରୀ ଜେନେରାଲ, ପିଏଚଡିସିସି ଆଣ୍ଡ ଆଇ*

- ଜଣେ ଶିକ୍ଷାବିତ୍ ଓ ଏଚ୍‌ଆରଡି କନ୍‌ସଲ୍‌ଟାଣ୍ଟ ଭାବରେ ମୁଁ ଏହା ଦୃଢ଼ ଭାବରେ ବିଶ୍ୱାସ କରେ ଯେ *i Watch* ର ଏହି ସ୍ୱତନ୍ତ୍ର ଯୋଜନାଟିରେ ୩୦୦୦ଟି କ୍ଷେତ୍ର ଉପରେ ଧନ୍ଦାମୂଳକ ଶିକ୍ଷା ପାଇଁ ୯୫% ଯୁବକମାନଙ୍କୁ ତାଲିମ୍ ପ୍ରଦାନ କରିବା ନିଶ୍ଚିତ ଭାବରେ ଏକ ନୂତନ ପଦକ୍ଷେପ। ଏହା ଯଦି ସଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ତେବେ ଭାରତରେ ଦେଖାଦେଉଥିବା ପ୍ରମୁଖ ବେକାରୀ ସମସ୍ୟାର ସମାଧାନ ହୋଇପାରିବ ।
*ପ୍ରଫେସର ଋଷି କୁମାର ପାଣ୍ଡିଆ, ଅନ୍ତରାଷ୍ଟ୍ରୀୟ ମ୍ୟାନେଜ୍‌ମେଣ୍ଟ ଗୁରୁ*

- ମୁଁ ଆପଣଙ୍କ ପୁସ୍ତିକା ବଦଳାଉଛୁ ଭାରତବର୍ଷକୁ ବଡ଼ ଆଗ୍ରହର ସହିତ ପାଠ କରିଛି ତଥା ଏଥିରେ ଆପଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉପଯୋଗୀ ଅଧ୍ୟୟନ ଓ ପରାମର୍ଶ ଦ୍ୱାରା ବେଶ୍ ପ୍ରଭାବିତ ହୋଇଛି । ଏଥିପାଇଁ ଆପଣଙ୍କୁ ଶୁଭ କାମନା ଜଣାଇବାକୁ ଚାହୁଁଛି । ମୁଁ ଆଶା କରେ ଏହି ବହିରେ ରହିଥିବା ସମସ୍ତ ତଥ୍ୟଗୁଡ଼ିକ ନିଶ୍ଚିତ ଭାବରେ ଭାରତ ପାଇଁ ମୂଲ୍ୟବାନ ହୋଇପାରିବ ।
*ବି.ଏନ୍. ଯୁଗନ୍ଧର, ଯୋଜନା ଆୟୋଗର ସଦସ୍ୟ*

- ଉତ୍ତମ ସୁଶାସନ ବିଷୟରେ ମୁଁ ଆପଣଙ୍କ ସହିତ ବିସ୍ତୃତ ଆଲୋଚନା କରିବାକୁ ଚାହିଁବି ଯାହାକି ଆପଣଙ୍କ ପୁସ୍ତିକା ବଦଳାଉଛୁ ଭାରତବର୍ଷରେ ଦିଆଯାଇଥିବା କିଛି ପରାମର୍ଶକୁ କାର୍ଯ୍ୟକାରୀ କରିବା ଉପରେ ବିଚାର କରାଯାଇପାରିବ ।
*ଏମ୍. ଦାମୋଦରନ୍, ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଇଡିବିଆଇ*

- *i Watch* ଦ୍ୱାରା କରାଯାଉଥିବା ଏହି ମହନୀୟ କାର୍ଯ୍ୟ ବିଷୟରେ ମୋତେ ଜଣା ଅଛି। ଉତ୍ତମ ସୁଶାସନ, ତାଲିମ୍ ଏବଂ ନିଯୁକ୍ତି ସମ୍ବନ୍ଧୀୟ ଆପଣଙ୍କ ଦୃଷ୍ଟିକୋଣଗୁଡ଼ିକୁ ମୁଁ ନୋଟ୍ କରି ରଖିଛି ।
*ଏମ୍. ଭେଙ୍କୟା ନାଇଡୁ, ଅଧ୍ୟକ୍ଷ, ଭାଜପା*

- ଆପଣ ଏହି ଉତ୍ତମ କାର୍ଯ୍ୟଟିକୁ ସର୍ବଦା ଜାରି ରଖନ୍ତୁ ।
*ଡ. ନଟରାଜନ୍ – ଅଲ ଇଣ୍ଡିଆ କାଉନ୍‌ସିଲ୍ ଫର ଟେକ୍‌ନିକାଲ୍ ଏଜୁକେସନ*

• ଭାରତର ଉତ୍‌ଥାନ ନିମନ୍ତେ ଆପଣଙ୍କର ସଂପୂର୍ଣ କାର୍ଯ୍ୟକ୍ରମ ଓ ପ୍ରୟାସ ମୋତେ ବହୁତ ପ୍ରଭାବିତ କରିଛି ।

***ବାବୁ ଖଲ୍‌ଫାନ୍ ଆମେରିକାସ୍ଥିତ ପ୍ରବାସୀ ଭାରତୀୟ ।***

• *i Watch* ଯେଉଁଭଳି ଦୂରଦର୍ଶିତା ନିର୍ଦ୍ଧାରିତ କରିଛି ତାହା ଭାରତର ଉତ୍ତମ ଶାସନ ପାଇଁ ଏକ ସମୟୋପଯୋଗୀ ପଦକ୍ଷେପ। ଆମକୁ ଆପଣଙ୍କର ଫାଉଣ୍ଡେସନ ସହିତ ଆପଣ ସାମିଲ୍ କରାଇପାରିଲେ ଆମେ ବହୁତ ଖୁସୀ ହେବୁ ।

***ଦୀପଙ୍କର ସନ୍ୟାଲିକେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, କେପିଏମ୍‌ଜି***

• ସର୍ବପ୍ରଥମେ ମୁଁ ଆପଣଙ୍କର ସମସ୍ତ ପ୍ରସ୍ତୁତି ପାଇଁ ଧନ୍ୟବାଦ ଦେବାକୁ ଚାହିଁବି । ଆପଣ ଆମ ଦ୍ୱାରା ବ୍ୟାବସାୟିକ ଶିକ୍ଷା ଓ ପ୍ରଶିକ୍ଷଣ ଉଦ୍ଦେଶ୍ୟରେ କରାଯାଉଥିବା କାର୍ଯ୍ୟ ଉପରେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିପାଇଁ ନିଜକୁ ଖୁସୀ ଓ ଗୌରବାନ୍ୱିତ ମନେ କରୁଛି । ଏହିସବୁ କ୍ଷେତ୍ରଗୁଡ଼ିକରେ ପ୍ରଚୁର ସମ୍ଭାବନା ରହିଛି ବୋଲି ମୋର ଦୃଢ଼ ମତ ।

***ପ୍ରଫେସର ରୂପା ସାହା, ଭାଇସ୍‌ଚାନ୍‌ସେଲର, ଏସ୍‌ଏନ୍‌ଡିଟି ମହିଳା ବିଶ୍ୱବିଦ୍ୟାଳୟ।***

• ଆଇସିସି ସେଣ୍ଟର ଗଭର୍ଣାନ୍‌ସର ସଂସ୍ଥାପକ ସଦସ୍ୟ ଭାବରେ ମୁଁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଆପଣଙ୍କ ଦ୍ୱାରା ନିର୍ବାଚିତ କରାଯାଇଥିବା ମୁଖ୍ୟ ବିଷୟ ତଥା ନିର୍ଦ୍ଧାରିତ କରାଯାଇଥିବା ଆକ୍ସନପ୍ଲାନ୍‌ର ଆଉଟ୍‌ଲାଇନ୍‌କୁ କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କୁ ବହୁତ ପ୍ରଭାବିତ କରିଛି ।

***ପ୍ରଭାତ କୁମାର, ପୂର୍ବତନ କ୍ୟାବିନେଟ୍ ସେକ୍ରେଟାରୀ ଓ ପ୍ରେସିଡେଣ୍ଟ, ଆଇସି ସେଣ୍ଟର ଫର ଗଭର୍ଣାନ୍‌ସ***

• ଆମର ସଚିବଙ୍କ ସହିତ ଆପଣଙ୍କ ଆଲୋଚନାର ଉତ୍କର୍ଷରୁ ଆମେ ଆପଣଙ୍କୁ ଏହା ସୂଚିତ କରିବାକୁ ଚାହୁଁ ଯେ ଯଦି ଆପଣ ଦିଲ୍ଲୀ ସଚିବାଳୟରେ ଏନ୍‌ସିଟି ସରକାରଙ୍କର ପ୍ରାୟ ୪୫୦ ବରିଷ୍ଠ ଏବଂ ମଧ୍ୟସ୍ତରର ଅଧିକାରୀମାନଙ୍କୁ ସୁଶାସନ ତଥା ପ୍ରଭାବି ପ୍ରଶାସନ ଉପରେ ପାରସ୍ପରିକ ଅଧିବେଶନରେ ତଥ୍ୟ ପ୍ରଦାନ କରିପାରିବେ ତେବେ ଆମେ ବହୁତ ଖୁସୀ ହେବୁ ।

***ପ୍ରକାଶ କୁମାର, ଏଆର ଏବଂ ଆଇଟି ସେକ୍ରେଟାରୀ, ଏନ୍‌ସିଟି ସରକାର।***

• **ୱାର୍ଲଡ୍ ଇକୋନୋମିକ୍ ଫୋରମ୍** ତଥା **ସିଆଇଆଇ** ଦ୍ୱାରା ଆୟୋଜିତ ଭାରତ ତଥା ବିଶ୍ୱ ୨୦୨୫ ପରିଦୃଶ୍ୟ ଉପରେ ପରସ୍ପର ପ୍ରଭାବୀ ୱାର୍କସପ୍‌ରେ *i Watch* ର ଏକ ବିଶେଷ ପ୍ୟାନେଲ୍‌କୁ ଅଙ୍ଗ ଭାବରେ ରଖାଯାଇ ଟିପ୍ପଣୀ ତଥା ପରାମର୍ଶ ଦେବା ଲାଗି ଆମନ୍ତ୍ରଣ କରାଯାଇଛି ।

***କନ୍‌ଫେଡେରସନ୍ ଅଫ୍ ଇଣ୍ଡିଆ ଇଣ୍ଡଷ୍ଟ୍ରି***

• ଆପଣଙ୍କ ଦ୍ୱାରା କରାଯାଉଥିବା ମହନୀୟ କାର୍ଯ୍ୟ ପାଇଁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ଓ ଶୁଭେଚ୍ଛା । ଆପଣଙ୍କ କାର୍ଯ୍ୟର ସଫଳତା ପାଇଁ ମୁଁ ଶୁଭକାମନା ଜଣାଇବା ସହିତ ସଂପୂର୍ଣ ବିଶ୍ୱାସର ସହିତ ଏହା କହିବାକୁ ଚାହିଁବି ଯେ ଆପଣଙ୍କ ପ୍ରକାଶନ ଜନସଚେତନତାର ଏକ ଶିକ୍ଷାପ୍ରଦ ପରିବେଶ ସୃଷ୍ଟି କରିବ ଏବଂ ଯେଉଁ କ୍ଷେତ୍ରଗୁଡ଼ିକ ଉପରେ ଆମକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି ସେହି ସବୁ ଦିଗଗୁଡ଼ିକ ଉପରେ ବିଶେଷ ଆଲୋକପାତ କରିପାରିବ ।

***ଏମ୍.ଭି. ରାଜଶେଖରନ୍, ଯୋଜନାର ରାଷ୍ଟ୍ରମନ୍ତ୍ରୀ, ଯୋଜନା ଆୟୋଗ ।***

• ଯଦି ଆପଣ କନ୍‌ଫରେନ୍‌ସ ଅନ୍ ଏନ୍‌ଆରଆଇ – ସିଭିଲ୍ ସୋସାଇଟି ପାର୍ଟନରସିପ୍‌ରେ ଭାଗ ନେବା ପାଇଁ ନିଜର ଅମୂଲ୍ୟ ସମୟ ବାହାର କରିପାରିବେ ତଥା ଏହାର ନିଷ୍କର୍ଷରେ ଯୋଗଦାନ ଦେଇପାରିବେ ତେବେ ଆମେ ବହୁତ ଖୁସୀ ହେବୁ ।

***ଡ.ଅବିଦ୍ ହୁସେନ୍, ଚେୟାରମ୍ୟାନ୍, ଗ୍ରୁପ୍ ଫର ଇକୋନୋମିକ୍ ଏଣ୍ଡ ସୋସିଆଲ୍ ଷ୍ଟଡିଜ୍***

• ଆପଣଙ୍କର ସହଯୋଗ–ସମର୍ଥନ ପାଇଁ ବହୁତ ବହୁତ ଧନ୍ୟବାଦ। ଆମକୁ ଏକ ମଜ୍‌ବୁତ୍ ଓ ସକ୍ରିୟ ସଂଗଠନ କରିବା ଦିଗରେ ଆପଣଙ୍କ ତଥ୍ୟଗୁଡ଼ିକ ବହୁତ ସାହାଯ୍ୟ କରିଛି ।

***ପଦ୍ମିନୀ ସୋମାନୀ, ନିର୍ଦ୍ଦେଶକ, ସଲାମ୍ ବମ୍ବେ ଫାଉଣ୍ଡେସନ***

• ଆପଣଙ୍କ ଦ୍ୱାରା ପ୍ରକାଶିତ ବିଷୟଟି ବହୁତ ରୁଚିପୂର୍ଣ ଅଟେ। ଆପଣଙ୍କ ଦୃଷ୍ଟିଭଙ୍ଗୀରେ ଯେଉଁ ସରଳତା ଓ ବ୍ୟାବହାରିକତା ରହିଛି ତାହା ମୋତେ ବହୁତ ପ୍ରଭାବିତ କରିଛି ।

***କେ.ଏଲ୍ ଚୁର୍ଘ, ଚେୟାରମ୍ୟାନ୍, ଏମିରେଟସ୍ ଆଇଟିସି ଲିମିଟେଡ୍ ।***

• *i Watch* ଏକ ଉତ୍ତମ କାର୍ଯ୍ୟ ସଂପାଦନ କରିଛି ଓ ଏଥିରେ ରହିଥିବା ଗବେଷଣାତ୍ମକ ତଥ୍ୟଗୁଡ଼ିକୁ ଆମକୁ ଲକ୍ଷ୍ୟ ହାସଲ ଦିଗରେ ସାହାଯ୍ୟ କରିବ।

***ସୁଦେଶ କେ. ଅଗ୍ରୱାଲ୍, ସେକ୍ରେଟାରୀ ଜେନେରାଲ ଅଲ୍ ଇଣ୍ଡିଆନ୍‌ସ ଫାଉଣ୍ଡେସନ***

• ନିଃସନ୍ଦେହରେ ଏହା ଏକ ସଂଘର୍ଷପୂର୍ଣ କାର୍ଯ୍ୟ ତଥା ଆପଣ ଏହା ମଧ୍ୟରେ ଅନେକଗୁଡ଼ିଏ ମୂଲ୍ୟବାନ ତଥ୍ୟକୁ ସଂଗୃହିତ କରିପାରିଛନ୍ତି । ମୁଁ ଆପଣଙ୍କୁ ଏହି ବିଶ୍ୱାସ ଦେବାକୁ ଚାହେଁ ଯେ ନିଜର ସୀମିତ କ୍ଷମତା ବଳରେ ଆପଣଙ୍କୁ ଏହି ତଥ୍ୟର ସମସ୍ତ ସମ୍ଭାବିତ ମଞ୍ଚ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ମୁଁ ଚେଷ୍ଟା କରିବି ।

***ପି.ଏନ୍ ରାଏ, ଚେୟାରମ୍ୟାନ୍, ଇଣ୍ଡୋ–ଆସି ଗ୍ଲାସ ଲି ।***

• ଆପଣ ଆମର ସାମାଜିକ–ସାଂସ୍କୃତିକ–ଆର୍ଥିକ ଢାଞ୍ଚାରେ ଯେଉଁସବୁ ସମସ୍ୟାଗୁଡ଼ିକର ଉଲ୍ଲେଖ କରିଛନ୍ତି ନିଃସନ୍ଦେହରେ ସେହି ସବୁ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ।

***ଆର.ଏସ୍. ଅଗ୍ରୱାଲ୍, ଜଏଣ୍ଟ ଚେୟାରମ୍ୟାନ୍, ଇନାମି ଗ୍ରୁପ୍ ଅଫ୍ କମ୍ପାନିଜ***

• ମୁଁ ଭାରତର ସୁଶାସନ ଓ ପ୍ରଶାସନ ବିଷୟ ଉପରେ ଆପଣଙ୍କ ତଥ୍ୟକୁ ଧ୍ୟାନ ସହକାରେ ପଢ଼ିଛି ଓ ଗୋଟିଏ ପରେ ଗୋଟିଏ ତାହାକୁ ପଢ଼ିଲା ପରେ ପ୍ରଭାବିତ ହେବା ସାଙ୍ଗକୁ ଉତ୍ତେଜିତ ମଧ୍ୟ ହୋଇଛି । ଏଥିରେ ରହିଥିବା ବିଷୟକୁ ସବୁସ୍ତରର ଲୋକମାନେ ପଢ଼ିବା ଓ ବୁଝିବା ଆବଶ୍ୟକ। ଆପଣ ଉପଯୁକ୍ତ ସମୟରେ ସଠିକ୍ ବିଷୟଟିକୁ ଉପସ୍ଥାପନ କରିଛନ୍ତି । ଆପଣ ମଧ୍ୟ ଭାରତର ବାସ୍ତବିକ

## i Watch ବିଷୟରେ

ସମସ୍ୟାଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ତର୍ଜମା କରିଛନ୍ତି ।
***ପ୍ରକାଶ ଆଲମେଡା, ନିର୍ଦ୍ଦେଶକ, ଇନ୍ଷ୍ଟିଚ୍ୟୁଟ୍ ଫର ଷ୍ଟଡି ଅଫ୍ ଇକୋନୋମିକ୍ ଇସ୍ୟୁସ୍***

• ମୋର ସଂପୂର୍ଣ ବିଶ୍ୱାସ ଯେ ଯିଏ ବି ଏହି ପୁସ୍ତକଟିକୁ ପଢ଼ିବେ ସେ ଏହି ପୁସ୍ତକରେ ଥିବା ବିଷୟକୁ ନେଇ ଚିନ୍ତା କରିବେ ଏବଂ କିଛି କରିବା ପାଇଁ ପଦକ୍ଷେପ ନେବେ ଯଦ୍ଵାରା ଆପଣଙ୍କର ଦୃଷ୍ଟିଭଙ୍ଗୀ ଅନୁଯାୟୀ ଏହାକୁ ବାସ୍ତବତାର ରୂପଦିଆଯାଇପାରିବ ।
***ଏନ୍. ଭିଭଲ, କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ, ସିଭିସି***

• ଆପଣଙ୍କର ସୁନ୍ଦର ଚିନ୍ତାଧାରାଟି ଅତ୍ୟନ୍ତ ଉତ୍କୃଷ୍ଟ । ବିଚାର କ୍ଷେତ୍ରରେ ମୌଳିକତା ଏବଂ ତଥ୍ୟଗୁଡ଼ିକ ଅତ୍ୟନ୍ତ ଚମତ୍କାର । ମୁଁ ଏହା ଆଶା କରୁଛି ଯେ ଆପଣଙ୍କର ଏହି ବିଚାରକୁ ଅଖିଳ ଭାରତୀୟ ମିଡିଆର ସଂପୂର୍ଣ ସମର୍ଥନ ମିଳୁ ।
***ଏଚ୍.ଏନ୍. ଦସ୍ତୁର, କାର୍ଯ୍ୟକାରୀ ନିର୍ଦ୍ଦେଶକ, ଭାରତୀୟ ବିଦ୍ୟା ଭବନ***

• ଯେଉଁଠାରେ ସଚେତନତା ରହିଥାଏ ସେଠାରେ ପାଦ ଆପେ ଆପେ ଲକ୍ଷ୍ୟ ସ୍ଥଳ ଆଡ଼କୁ ବଢ଼ିଥାଏ । ଏହି ମହତ୍ ଲକ୍ଷ୍ୟ ଉଦ୍ଦେଶ୍ୟରେ ମୁଁ ଓ ସାରା ଭାରତବାସୀ ଆପଣଙ୍କ ସହିତ ଅଛୁ ।
***ସୁଶିଲ ଗୁପ୍ତା, ପୂର୍ବ ଡିଷ୍ଟ୍ରିକ୍ଟ ଗଭର୍ଣର, ରୋଟାରି ଡିଷ୍ଟ୍ରିକ୍ଟ ୩୦୧୦***

• ମୁଁ ଏହା ଆପଣଙ୍କୁ ବିଶ୍ୱାସ ଦେବାକୁ ଚାହେଁ ଯେ ଆପଣଙ୍କ ପତ୍ରରେ **ଏକ ସୂତ୍ରୀୟ କାର୍ଯ୍ୟକ୍ରମ** ପାଇଁ ମୁଁ ମୋର ଯଥା ସାଧ ଦାୟୀତ୍ୱ ସଂପାଦନ କରିବି ।
***ଜର୍ଜ ଫର୍ଣାଣ୍ଡିଜ୍,***
***ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ, ଭାରତ ସରକାର***

• ଆପଣଙ୍କ ମୂଲ୍ୟବାନ ଅନୁଭବରୁ ଲାଭ ଉଠାଇବା ପାଇଁ ମୁଁ ନିଜକୁ ଖୁବ୍ ଭାଗ୍ୟବାନ ମନେ କରୁଛି ।
***ଏୟାର କମାଣ୍ଡର ଅମ୍ରିତ ଲାଲ୍, ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ଇଣ୍ଡିଆନ୍ ସୋସାଇଟି ଫର ଟ୍ରେନିଂ ଏଣ୍ଡ ଡେଭ୍ଲପ୍‌ମେଣ୍ଟ***

• ନୋଟ୍‌ରେ ଆପଣଙ୍କ ଦ୍ୱାରା ବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣକୁ ମୁଁ ପ୍ରଶଂସା କରୁଛି ଏବଂ ଏଥିରେ ଅଧିକରୁ ଅଧିକ ନୂଆ ଦୃଷ୍ଟିଭଙ୍ଗୀ ପ୍ରଦାନ କରିବାକୁ ଅନୁରୋଧ କରୁଛି ଯାହା ସମାଜ କଲ୍ୟାଣ ଦିଗରେ ସାହାଯ୍ୟ କରିବ ।
***ସୁରେଶ ପ୍ରଭୁ, ସାଂସଦ, ଲୋକସଭା***

### *i Watch* କଣ ଅଟେ?

*i Watch* ହେଉଛି ଏକ ରାଷ୍ଟ୍ରୀୟ ନାଗରିକ ଅଭିଯାନ ଯାହାର ଉଦ୍ଦେଶ୍ୟ ବଦଳାଉଛୁ ଭାରତବର୍ଷ ପ୍ରସ୍ତୁତ କରିବା । *'i'* ର ଅର୍ଥ ହେଉଛି ଭାରତ, ଭାରତବାସୀ, ଆପଣ ଓ ମୁଁ । *Watch'* ର ଅର୍ଥ ହେଉଛି ଦେଶରେ ଯାହା କିଛି ଘଟୁଛି ତାହା ଉପରେ ଆମେ ନଜର ରଖିବା । ଏହା ବ୍ୟତୀତ ଦେଶବାସୀଙ୍କୁ ଏହାଦ୍ୱାରା ସଚେତନ କରିଦିଆଯାଉଛି ଯେ ଦେଶରେ ପରିବର୍ତ୍ତନ ଆଣିବା ପାଇଁ ଆମ ମଧ୍ୟରେ ଜାଗରଣ ସୃଷ୍ଟି ହେବା ଦରକାର ।

*'i'* ଛୋଟ ଅଟେ କାରଣ ଗୁରୁମାନେ ଆମକୁ ସର୍ବଦା ଏହା ହିଁ ଶିଖାଇଛନ୍ତି ଯେ ବିନମ୍ରତା ବଳରେ ସତ୍ୟକୁ ଉଦ୍‌ଘାଟନ କରାଯାଇପାରେ । *i Watch* **ମାନବ ସମ୍ବଳ ବିକାଶ, ଉତ୍ତମ ସୁଶାସନ, ଅର୍ଥନୀତି, ଉଦ୍ୟୋଗ** ତଥା **ରୋଜଗାର ସୃଜନ** ଉପରେ କେନ୍ଦ୍ରୀତ ଅଟେ ।

*i Watch* ଏକ ରେଜିଷ୍ଟରଡ୍ ଚାରିଟି ଅଟେ ଯାହାର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇ, ଭାରତରେ ରହିଛି ।

*i Watch* କୁ ଦିଆଯାଉଥିବା ଦାନ ଉପରେ ଭାରତୀୟ ସଂଗଠନ ତଥା ବ୍ୟକ୍ତିଙ୍କର ଆୟକର ଲାଭ ୮୦ଜିର ସୁବିଧା ମିଳିଥାଏ ।

ବିଦେଶୀ ଦାନ ସ୍ୱୀକାର କରିବା ପାଇଁ ଏଫ୍‌ସିଆରଏର ସ୍ୱୀକୃତି ଜାନୁୟାରୀ ୨୦୦୯ରେ ମିଳିଯାଇଛି ।

### ବଦଳାଉଛୁ ଭାରତବର୍ଷ ପ୍ରସ୍ତୁତ କରିବା ପାଇଁ ଆମେ କିପରି ଯୋଜନାଟିକୁ ପ୍ରସ୍ତୁତ କରିଛୁ?

*i Watch* ତିନୋଟି ସୋପାନରେ କାର୍ଯ୍ୟ କରିଥାଏ ।

୧. **ଜାଗରଣ ସୃଷ୍ଟି କରିବା**
*ଭାରତକୁ ଏକ ଜ୍ଞାନାତ୍ମକ ଅର୍ଥନୀତି ଦେଶରେ ପରିଣତ କରିବା, ଆପଣ ଜାଣି ନଥିବା ଭାରତ ଏବଂ ଭାରତ ପାଇଁ ଆକ୍ସନ୍ ପ୍ଲାନ* ଭଳି ପ୍ରକାଶନକୁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି ।

୨. **ସମାଧାନ ଓ କାର୍ଯ୍ୟକାରୀ ଯୋଜନା**
